# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ• ମୂଲ୍ୟ-୫ଟଙ୍କା

VOL NO. - 13, ISSUE NO. - 25, DATE : 01.05.2026 - 15.05.2026 FORTNIGHTLY (ODIA), BHUBANESWAR. PAGES-08


## ମହାନ ମଇ ଦିବସର ଆହ୍ୱାନ - ଶୋଷଣମୂଳକ ସମାଜ ବ୍ୟବସ୍ଥା ଉଚ୍ଛେଦ ସଂଗ୍ରାମକୁ ତୀବ୍ରତର କରନ୍ତୁ

ମଇ ପହିଲା - ଆନ୍ତର୍ଜାତିକ ଶ୍ରମିକ ଦିବସ। ଚଳିତ ବର୍ଷ ଏହି ଐତିହାସିକ ଦିବସର ୧୪୦ତମ ବାର୍ଷିକୀ ସାରା ବିଶ୍ୱର ଶ୍ରମିକ ଶ୍ରେଣୀ ପାଳନ କରୁଛି। ଦୈନିକ ୮ ଘଣ୍ଟା ଶ୍ରମ ଦିବସ ଦାବିରେ ୧୮୮୬ ମସିହା ମଇ ପହିଲାରୁ ମଇ ୪ ତାରିଖ ପର୍ଯ୍ୟନ୍ତ ଆମେରିକାର ଚିକାଗୋ ସହରରେ ସଂଗଠିତ ଗୌରବୋଜ୍ଜ୍ୱଳ ଶ୍ରମିକ ଧର୍ମଘଟରୁ ଏହି ଐତିହାସିକ ଦିବସର ସୃଷ୍ଟି।

କଳକାରଖାନାର ମାଲିକମାନେ ସେମାନଙ୍କର ଲାଭ ବୃଦ୍ଧି କରିବା ପାଇଁ କମ୍ ମଜୁରୀ ଦେଇ ଶ୍ରମିକମାନଙ୍କୁ ଅଧିକ ସମୟ କାମରେ ଖଟାଉଥିଲେ। ସଚେତନ ଶ୍ରମିକମାନେ ଚାହିଁଲେ ମଣିଷ ଭଳି ବଂଚିବାକୁ ହେଲେ ଦୈନିକ କମ୍ ସମୟ କାର୍ଯ୍ୟ କରିବାକୁ ହେବ। ମାଲିକ ଓ ଶ୍ରମିକ ମଧ୍ୟରେ ଏଇ ଦ୍ୱନ୍ଦ୍ୱ ମଇ ଦିବସର ଐତିହାସିକ ସଂଗ୍ରାମର ପୃଷ୍ଠଭୂମି ସୃଷ୍ଟି କରିଥିଲା।

ଦୈନିକ ଶ୍ରମ ଦିବସ ହ୍ରାସ କରିବା ଦାବିରେ ୧୮୦୬ ମସିହାରେ ଫିଲାଡେଲଫିଆର ଜୋତା କାରଖାନାର ଶ୍ରମିକମାନେ ପ୍ରଥମେ ଧର୍ମଘଟ କରିଥିଲେ।

୧୮୪୮ ମସିହାରେ ମହାନ କାର୍ଲ ମାର୍କ୍ସ ଓ ମହାନ ଫ୍ରେଡ଼ରିକ ଏଙ୍ଗେଲ୍ସ 'କମ୍ୟୁନିଷ୍ଟ ମାନିଫେଷ୍ଟୋ' ପୁସ୍ତକ ରଚନା କରି ସାରା ବିଶ୍ୱର ଶ୍ରମିକ ଶ୍ରେଣୀକୁ ଶୋଷଣରୁ ମୁକ୍ତିର ସଠିକ୍ ପଥ ଦେଖାଇଲେ। ଏଥିରୁ ଶ୍ରମିକମାନେ ମାଲିକ ଶ୍ରେଣୀର ଶୋଷଣ ଶାସନ ବିରୁଦ୍ଧରେ ଲଢେଇର ପ୍ରେରଣା ପାଇଲେ। ୧୮୫୦ ମସିହା ଠାରୁ ଦେଶେ ଦେଶେ ଟ୍ରେଡ ୟୁନିୟନ ଗଠନ ଓ ଶ୍ରମିକମାନଙ୍କର ସଂଗଠିତ ଆନ୍ଦୋଳନର ଜୁଆର ସୃଷ୍ଟି ହେଲା। ଆନ୍ଦୋଳନର ଧାରାବାହିକତାରେ ଦୈନିକ ୮ ଘଣ୍ଟା କାମ(Work), ୮ଘଣ୍ଟା ବିଶ୍ରାମ (Rest) ଓ ୮ଘଣ୍ଟା ମନୋରଞ୍ଜନ (Recreation)ର ଧାରଣା ଆସିଲା। ଦୈନିକ ଶ୍ରମ ଦିବସ ୮ଘଣ୍ଟାର ଦାବି ଉଠିଲା। ଏହି ଦାବି ବିଶ୍ୱର ବିଭିନ୍ନ ପୁଞ୍ଜିବାଦୀ ଦେଶର ବିଭିନ୍ନ ଶିଳ୍ପରେ ଉଠିବାକୁ ଆରମ୍ଭ କଲା। ଆମେରିକାର ବିଭିନ୍ନ ଶିଳ୍ପର ଶ୍ରମିକମାନେ ଅଲଗା ଅଲଗା ଭାବେ ୮ଘଣ୍ଟା ଶ୍ରମ ଦିବସ ଦାବି ଉଠାଇବା ପରେ ୧୮୬୬ ମସିହାରେ ସମସ୍ତ କାରଖାନାର ଶ୍ରମିକମାନେ ଐକ୍ୟବଦ୍ଧ ଭାବେ ଜାତୀୟ ସ୍ତରରେ ଏହି ଦାବି ଉଠାଇଲେ। ଯୁକ୍ତରାଷ୍ଟ୍ର ଆମେରିକାର ୬୦ଟି ଟ୍ରେଡ ୟୁନିୟନର ପ୍ରତିନିଧିମାନେ ୨୦ ଅଗଷ୍ଟ ୧୮୬୬ରେ ବାଲ୍ଟିମୋର ସହରରେ ମିଳିତ ହୋଇ 'ନେସନାଲ ଲେବର ୟୁନିୟନ' ଗଠନ କଲେ। ଏହାର ପ୍ରତିଷ୍ଠା ସମ୍ମିଳନୀରେ ପ୍ରସ୍ତାବ ଗୃହୀତ ହେଲା ଯେ ଯୁକ୍ତରାଷ୍ଟ୍ର ଆମେରିକାର ସମସ୍ତ ରାଜ୍ୟରେ ଦୈନିକ ୮ଘଣ୍ଟା ଶ୍ରମ ଦିବସ କାର୍ଯ୍ୟକାରୀ କରାଯାଉ । ୧୮୬୬ ମସିହା ସେପ୍ଟେମ୍ବର ମାସରେ ମହାନ କାର୍ଲ ମାର୍କ୍ସଙ୍କ ନେତୃତ୍ୱରେ ଗଠିତ ପ୍ରଥମ ଆନ୍ତର୍ଜାତିକର ଜେନେଭା ଅଧିବେଶନରେ ବିଶ୍ୱର ସମସ୍ତ ଶ୍ରମିକଙ୍କ ପାଇଁ ଦୈନିକ ୮ଘଣ୍ଟା ଶ୍ରମଦିବସ ଦାବି ଗୃହୀତ ହୋଇଥିଲା ଏବଂ ଏହି ଦାବିରେ ବିଶ୍ୱବ୍ୟାପୀ ଶ୍ରମିକ ଆନ୍ଦୋଳନ ଗଢିତୋଳିବା ପାଇଁ ଆହ୍ୱାନ ଦିଆ ଯାଇଥିଲା। ୧୮୬୯ ମସିହାରେ ୱିଲିୟମ୍ ଏଚ୍. ସିଲଭିସଙ୍କ ଆକସ୍ମିକ ମୃତ୍ୟୁ ହେଲା। ନେସନାଲ ଲେବର ୟୁନିୟନର ପରବର୍ତ୍ତୀ ନେତୃତ୍ୱ ୮ ଘଣ୍ଟା ଶ୍ରମ ଦିବସ ଦାବିରେ ଆନ୍ଦୋଳନକୁ ଆଗେଇ ନେବାରେ ବ୍ୟର୍ଥ ହେଲେ ଏବଂ ଏହାର କିଛି ବର୍ଷ ପରେ ଏହି ୟୁନିୟନ ବିଲୁପ୍ତ ହୋଇ ଗଲା।

୧୮୭୧ ମସିହାରେ ଫ୍ରାନ୍ସର ଶ୍ରମିକମାନେ ପ୍ୟାରୀ କମ୍ୟୁନ୍ ଗଠନ ମାଧ୍ୟମରେ ୭୨ ଦିନ ପାଇଁ ରାଷ୍ଟ୍ର କ୍ଷମତା ଦଖଲ କରି ପୃଥିବୀ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କଲେ । ଏହି ଘଟଣା ସାରା ବିଶ୍ୱରେ ଆଲୋଡନ ସୃଷ୍ଟି କଲା। ଆମେରିକାର ଶ୍ରମିକମାନଙ୍କ ଉପରେ ତାର ବିଶେଷ ପ୍ରଭାବ ପଡିଲା। ୧୮୭୫ ମସିହାରେ ପେନସିଲଭାନିଆର କୋଇଲା ଖଣି ଶ୍ରମିକମାନେ ଆନ୍ଦୋଳନ କଲେ। ୧୮୭୭ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାରେ ଲକ୍ଷ ଲକ୍ଷ ରେଳ ଓ ଇସ୍ପାତ ଶ୍ରମିକ ଧର୍ମଘଟ କଲେ। ଯୁକ୍ତରାଷ୍ଟ୍ର ଆମେରିକାରେ ୧୮୭୭ ମସିହାରେ ସୃଷ୍ଟି ହେଲା 'ନାଇଟ୍ସ ଅଫ୍ ଲେବର' ନାମକ ଏକ ଶ୍ରମିକ ସଂଗଠନ ଏବଂ ୧୮୮୧ ମସିହାରେ ପ୍ରତିଷ୍ଠା ହେଲା 'ଆମେରିକାନ୍ ଫେଡେରେସନ୍ ଅଫ୍ ଲେବର'। ୧୮୮୪ ମସିହା ୭ ଅକ୍ଟୋବରରେ ଆମେରିକାନ୍ ଫେଡେରେସନ୍ ଅଫ୍ ଲେବରର ଚତୁର୍ଥ ସମ୍ମିଳନୀରେ ପ୍ରସ୍ତାବ ଗୃହୀତ ହେଲା - '୧୮୮୬ ମସିହା ମଇ ପହିଲା ଠାରୁ ଦୈନିକ ୮ ଘଣ୍ଟା ଶ୍ରମ ଦିବସକୁ ଆଇନଗତ ସ୍ୱୀକୃତି ଦେବାକୁ ହେବ'। ୧୮୮୫ ମସିହାରେ ପୁନର୍ବାର ଫେଡେରେସନ୍ ପ୍ରସ୍ତାବ ଗ୍ରହଣ କଲା ଯେ ୧୮୮୬ ମସିହା ମଇ ପହିଲାରେ ସମସ୍ତ କ୍ଷେତ୍ରର ଶ୍ରମିକମାନେ ଧର୍ମଘଟରେ ସାମିଲ ହେବେ । ଫେଡେରେସନର ନେତୃମଣ୍ଡଳୀ ଅନୁଭବ କରିଥିଲେ ଯେ କେବଳମାତ୍ର ନିଜ ସଂଗଠନର ଶ୍ରମିକମାନଙ୍କ ଲଢେଇରେ ୮ଘଣ୍ଟା ଶ୍ରମ ଦିବସ

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

## ସଠିକ ଆଦର୍ଶର ଶକ୍ତିବଳରେ ଆଗେଇ ଚାଲିଛି ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ୭୯ତମ ପ୍ରତିଷ୍ଠା ଦିବସ ଗଭୀର ଆବେଗ ଓ ଅଙ୍ଗୀକାର ସହ ପାଳିତ











"୭୮ବର୍ଷ। କଠିନ ଓ କଠୋର ସଂଗ୍ରାମର ପଥରେ ସଠିକ୍ ଆଦର୍ଶର ଶକ୍ତି ନେଇ ଏକ ଦୀର୍ଘ ଯାତ୍ରା। ଏ ଯୁଗର ଅନ୍ୟତମ ମହାନ ମାର୍କ୍ସବାଦୀ ଦାର୍ଶନିକ କମ୍ରେଡ୍ ଶିବଦାସ ଘୋଷଙ୍କ ନେତୃତ୍ୱରେ ଆଜକୁ ୭୮ବର୍ଷ ତଳେ ଆରମ୍ଭ ହୋଇଥିଲା ଏହି ଅବିସ୍ମରଣୀୟ ଅବିଶ୍ୱାସନୀୟ ପ୍ରଚେଷ୍ଟା। ଭାରତବର୍ଷ ମାଟିରେ ଶୋଷଣ ମୁକ୍ତିର ବିପ୍ଳବକୁ ସଫଳ କରିବା ପାଇଁ ଏକ ସଠିକ୍ କମ୍ୟୁନିଷ୍ଟ ପାର୍ଟି ଭାବେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ପ୍ରତିଷ୍ଠା ପର୍ବ। ସାଥୀରେ ଥିଲେ ହାତଗଣତି ୬ ଜଣ ସହଯୋଦ୍ଧା। ସମସ୍ତେ ହିଁ ତରୁଣ। ସେମାନେ ଦେଶର ସ୍ୱାଧୀନତା ଆନ୍ଦୋଳନର ସଂଗ୍ରାମୀ ଯୋଦ୍ଧା। ସଦ୍ୟ ସ୍ୱାଧୀନତା ପ୍ରାପ୍ତ ଦେଶର ଜନଗଣଙ୍କ ମଧ୍ୟରେ ଅସୁମାରୀ ଆଶା ଓ ସ୍ୱପ୍ନର ଢେଉ। ପ୍ରତିଷ୍ଠିତ ନେତାମାନଙ୍କର ମନଛୁଆଁ ପ୍ରତିଶୃତିର ବନ୍ୟା। ଆନ୍ତର୍ଜାତିକ ସାମ୍ୟବାଦୀ ନେତୃତ୍ୱର ସ୍ୱିକୃତି ଓ ସୋଭିଏତ୍ ସମାଜତନ୍ତ୍ରର ଅଭୁତପୂର୍ବ ଅଗ୍ରଗତି ଓ ସାଫଲ୍ୟର ବିରାଟ ସମ୍ମାନ ଓ ଗୌରବ ନେଇ କମ୍ୟୁନିଷ୍ଟ ପାର୍ଟି ନାମ ନେଇ ବିରାଜ କରୁଥିଲା ଶକ୍ତିଶାଳୀ ଅଭିଭକ୍ତ ସିପିଆଇ। ଭାରତବର୍ଷର ବହୁ ରାଜ୍ୟରେ ଏହାର ଶ୍ରମିକ-ଛାତ୍ର-ମହିଳା ଓ ଅନ୍ୟାନ୍ୟ ଗଣ ସଂଗଠନ ଓ ସାଂସ୍କୃତିକ ସଂଗଠନ ଥିଲା। ସେତେବେଳେ ଯେଉଁମାନଙ୍କ ମଧ୍ୟରେ କମ୍ୟୁନିଜିମ୍ ଆଦର୍ଶ ପ୍ରତି ଆବେଗ ଓ ଭଲ ପାଇବା ଥିଲା, ସେମାନଙ୍କ ମଧ୍ୟରୁ

(ଅବଶିଷ୍ଟାଂଶ ୫ମ ପୃଷ୍ଠାରେ)

### ଭିତର ପୃଷ୍ଠାରେ


★ ସିଜିମାଳିର ପ୍ରତିରୋଧ ନିଚ୍ଛକ ପ୍ରତିବେଦନ ନୁହେଁ ଏକ ଆହ୍ୱାନ

★ ଦାନ ମାଝୀ ରୁ ଜିତୁ ମୁଣ୍ଡା ପର୍ଯ୍ୟନ୍ତ ଯେଉଁ ପ୍ରଶ୍ନସବୁ ଉତ୍‌ଥାପିତ କରନ୍ତି

★ ସଦ୍ୟ ସମାପ୍ତ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସମ୍ପର୍କରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ ସମ୍ପାଦକ କମ୍ରେଡ୍ ଚଣ୍ଡୀଦାସ ଭଟ୍ଟାଚାର୍ଯ୍ୟଙ୍କ ବକ୍ତବ୍ୟ

# ସିଜିମାଳିର ପ୍ରତିରୋଧ ନିଛକ ପ୍ରତିବେଦନ ନୁହେଁ ଏକ ଆହ୍ୱାନ

**ପରିତ୍ୟକ୍ତ** ଭଗ୍ନପ୍ରାୟ ସରକାରୀ ପ୍ରାଥମିକ ବିଦ୍ୟାଳୟ। ଏହାରି କାନ୍ଥରେ ସୁନ୍ଦର ଅକ୍ଷରରେ ଅଙ୍କିତ ଓଡିଶା ସରକାରଙ୍କ ବିଜ୍ଞାପନ – ବିକଶିତ ଭାରତ, ବିକଶିତ ଓଡିଶା। ଆଉ ଠିକ୍ ତା' ତଳେ ଅଙ୍କା ବଙ୍କା ଅକ୍ଷରରେ ଲେଖା, ବେଦାନ୍ତ, 'ଗୋ ବ୍ୟାକ୍', ମଇତ୍ରି ଗୋ ବ୍ୟାକ୍। ଘରର ଭଙ୍ଗା କାନ୍ଥ ହେଉ ବା ରାସ୍ତା କଡର ଧଳା ରଙ୍ଗର ବ୍ରିଜ କଲଭଟ ହେଉ, ସବୁଠି ଏହି ଲେଖା 'ବେଦାନ୍ତ ଗୋ ବ୍ୟାକ୍', 'ଆଦାନୀ ଗୋ ବ୍ୟାକ୍'। ପୁଣି ବିସ୍ତୀର୍ଣ୍ଣ ମାଳି ପର୍ବତ, ଆକାଶ ବତାଶରେ ପ୍ରକମ୍ପିତ ହେଉଛି ବଜ୍ର କଣ୍ଠର ଶକ୍ତ ଚିତ୍କାର –

"ସୁନ ସରକାର କାନ ଖୁଲକର,
ସିଜିମାଳି ଆମରଟା,
ନେଇ ସେ କାହାର ବୁଆର ଟା।
ଜାନ ଯାଉ ଯାଉ ଜୀବନ ଯାଉ,
ସିଜିମାଳି ବଂଚିଥାଉ।"

ସଂପ୍ରତି ସିଜିମାଳି ପର୍ବତ ଉପରକୁ ବକ୍ସାଇଟ ଖନନ ପାଇଁ ବେଦାନ୍ତ କମ୍ପାନୀ ପକ୍ଷରୁ ରାସ୍ତା ନିର୍ମାଣ ଓ ଜମି ଅଧିଗ୍ରହଣକୁ କେନ୍ଦ୍ର କରି ଯେଉଁ ଘଟଣା ଘଟିଗଲା ଓ ତା'ର ପରବର୍ତ୍ତୀ ଘଟଣା ପ୍ରବାହ ବହୁ ପ୍ରଶ୍ନ ଉତ୍‌ଥାପନ କରିବା ସହିତ ଭାରତୀୟ ରାଷ୍ଟ୍ରର ଚରିତ୍ରକୁ ପୁଣିଥରେ ନଗ୍ନ ଭାବେ ଉନ୍ମୋଚିତ କରିଛି। ସିଜିମାଳି ଜନଗଣଙ୍କ ପ୍ରତିରୋଧ ନିଛକ ଏକ ରୋଚକ ଖବର ବା ପ୍ରତିବେଦନ ନୁହେଁ, ଏକ ଆହ୍ୱାନ। ସେହି ଦୃଷ୍ଟିଭଙ୍ଗୀରେ ଏହି ଆଲେଖ୍ୟଟି ପ୍ରସ୍ତୁତ କରାଯାଇଛି।

### ଅତ୍ୟାଚାରିତଙ୍କ ମୁହଁରୁ ସେହି ଘଟଣାରୁ କିଛି

କଣ୍ଟାମାଳ ଗାଁର ଆନିଦେଇ ମାଝୀ। ଏପ୍ରିଲ ୬ ତାରିଖ, ଅମାନୁଷିକ ଦମନର ସେହି କାଳ ରାତିର ବର୍ବରତା ତାଙ୍କର ଅଙ୍ଗେ ଅଙ୍ଗେ ଆଜି ବି ଅକ୍ଷତ। ବୟସ ବୋଧେ ୫୫ ହେବ। ଜଡିବୁଟି ଔଷଧ ଦେଇ ପୁରା ମଥା, ଆଖିପତା ବ୍ୟାଣ୍ଡେଜ କପଡାରେ ବନ୍ଧା। ଜୀର୍ଣ୍ଣ ଶୀର୍ଣ୍ଣ ଶରୀର, ହେଲେ ତା'ର ତେଜଭରା କଣ୍ଠରୁ ଆଜି ବି ଶୁଭୁଛି 'ମୋତେ ବନ୍ଧୁକରେ ମାରିଛି। ସମସ୍ତଙ୍କୁ ଗୋଡେଇ ଗୋଡେଇ ମାରିଲା। ରାତି ଦୁଇଟାରେ ପୋଲିସ ପଶିଲା। ସିଜିମାଳିର ଚେରିମୂଳୀ ଆଣି ପଟିରେ ଭିଡିଛି। ହେଲେ ଆମେ ଛାଡିବୁ ନାହିଁ।'

ଏହି ଗାଁର ଆଉ ଜଣେ ଆହତ ବୃଦ୍ଧା ରୂମା ମାଝୀ। ତାଙ୍କ କଣ୍ଠରେ ବି ସେହି ସ୍ୱର। 'ସେ ରାତିରେ ଗ୍ୟାସ ପାଇପରେ ଆମକୁ ମାରିଲା। ଧୂଆଁ ଆଖି ମୁହଁ ପାଟିରେ ପଶିଲା। ଗାଈଟିଏ ବି ମରିଗଲା। ଛୋଟ ଛୋଟ ପିଲା ମଲା ପରି ହୋଇଗଲେ। ପାଣି ପକାଇବାରୁ ଶତିଳା ହେଲେ। ୨୦୨୩ରୁ ଆମେ ଆନ୍ଦୋଳନ କରୁଛୁ, କ'ଣ ଛାଡିଦେବୁ ? ଆମ ଦେବତା 'ତେଜମାଳି'(ଏ ଅଂଚଳର ଲୋକ ସିଜିମାଳିକୁ ତେଜମାଳି କହନ୍ତି)କୁ ବେଦାନ୍ତ ରାକ୍ଷାସ ଖୋଳି ନେବ, ଆମେ କ'ଣ ସହିବୁ ?'

ମା ମାଟି ସୁରକ୍ଷା କମିଟିର ସଭାପତି ସୁଭାଷ ସିଂ ମାଝୀ କୁହନ୍ତି– "ସିଜିମାଳି ପାଦ ଦେଶରେ ଥିବା ୧୫୦ଟି ଗ୍ରାମର ଲୋକ ଜୀବନ ଦେବାକୁ ତିଆର।" ଲଢେଇର ଅନ୍ୟ ଏକ ଅଗ୍ରଣୀ ଗ୍ରାମ ଶାଗବାଡିର ନାରଙ୍ଗି ଦେଇ ମାଝୀ। ଆସନ୍ନ ପ୍ରସବା ବୋହୂକୁ ରାୟଗଡା ମେଡିକାଲରେ ଭର୍ତ୍ତି କରୁ କରୁ ପୋଲିସ ହାତରେ ଗିରଫ ହୋଇ ୭ମାସ ଜେଲ ଖଟି ଫେରିଛନ୍ତି, କିନ୍ତୁ ଡରିନାହାନ୍ତି। ପୁଣି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସେ କୁହନ୍ତି, "ମେଡିକାଲରୁ ମୋର ଓଡଣୀ ଧରି ଜବର ଦସ୍ତ ଉଠାଇ ନେଲେ। ସ୍କୁଲରେ ପଢୁଥିବା ମୋ ସାନ ପୁଅ ଛଡାଇବାକୁ ଆସିବାରୁ ତାକୁ ବି ଠେଲି ଦେଲେ, ମାରିଲେ। 'ତୁ ଆନ୍ଦୋଳନ କରୁଛୁ ?' ମୋତେ କାଶୀପୁର ଥାନାକୁ ନେଇ କେତେ ଧମକାଇଲେ, କେତେ କଷ୍ଟ ଦେଲେ। ୩୩୦, ୨୦୭, ୨୪୨, ୨୪୪, ଆଦି ୬-୭ ଟା କେସ୍ ଦେଲେ। ମାଜିଷ୍ଟ୍ରେଟ ବି କହିଲେ, ଇଏ କ'ଣ ମଣିଷ ମାରିଛି। ସାତ ମାସ ଜେଲରେ ରହିଲି। ଏବେ ଖଲାସ ହୋଇଛି। ଏଇ ସାତ ମାସ ମୋ ସାନ ପୁଅ କାନ୍ଦି କାନ୍ଦି ସ୍କୁଲରେ ପାଠ ପଢି ପାରିନାହିଁ। ତେବେ କଷ୍ଟ ହେଲେ ବି ଖୁସି। ମୋ ମାଟି, ପାହାଡ, ମୋ ଦେଶ ପାଇଁ ଜେଲ ଯାଇଛି, ମୁଁ ଲଢିବି, ପଛକୁ ହଟିବି ନାହିଁ।"

ଅମାନୁଷିକ ପୋଲିସ ଅତ୍ୟାଚାରକୁ ସାମ୍ନା କରିଥିବା ଆଉ ଏକ ଗାଁ ତଲଆମପଦର। ଗତ ମାର୍ଚ୍ଚ ୧୦ ତାରିଖ ରାତି ଅଧରେ ସଶସ୍ତ୍ର ପୋଲିସ, କୋବ୍ରା ବାହିନୀର ଏକ ବିରାଟ ପଟୁଆର ଛୋଟ ଏହି ଗାଁକୁ ଚାରିଆଡୁ ଘେରାବନ୍ଦୀ କରି ସକାଳ ଯାଏ ବର୍ବର ଅତ୍ୟାଚାର କରିଥିଲା। ଘର ଭାଙ୍ଗିଥିଲା। ଗୋଡେଇ ଗୋଡେଇ ଲୋକଙ୍କୁ ପିଟିଥିଲା। ନିଦରେ ଶୋଇଥିବା କଅଁଳା ଛୁଆକୁ ବି ଛାଡି ନଥିଲା। ଲୁହାବୁହା ଗ୍ୟାସ ଛାଡିବା, ଗୁଳି ଫୁଟାଇବା ସବୁକିଛି କରିଥିଲା। ବହୁ ଲୋକଙ୍କୁ ମାରି ଲହୁଲୁହାଣ କରି ୨୧ ଜଣଙ୍କୁ ଉଠାଇ ଆଣିଲା। ପୋଲିସକୁ ହତ୍ୟା କରିବା ପାଇଁ ଉଦ୍ୟମ ଭଳି ବହୁ ସଂଗୀନ ମାମଲା ଲଗାଇ ଏମାନଙ୍କୁ ଜେଲରେ ଭର୍ତ୍ତି କରିଦେଲା। ଏମାନଙ୍କ ମଧ୍ୟରେ ଅଛନ୍ତି ୧୧ଜଣ ମହିଳା, ତା' ଭିତରୁ ଜଣେ ଗର୍ଭବତୀ। ୩ଜଣ ନାବାଳିକା। ୮ମ ୯ମର ଛାତ୍ରୀ। ଗିରଫ ନବମ ଶ୍ରେଣୀ ଛାତ୍ରୀ ସୂର୍ଯ୍ୟକାନ୍ତି ମାଝୀର ମା ଗୁନ୍ତି ଦେଇ ମାଝୀ। ମୁହଁରେ ନାହିଁ ତିଳେମାତ୍ର ଆତଙ୍କ ବା ଉଦ୍‌ବେଗର ଚିହ୍ନ। ଅତି ସହଜରେ କିନ୍ତୁ ବଳିଷ୍ଠ ଭାବେ କହିଲେ, 'ଲଢିଲେ ତ ଜେଲ ହେବ, ପୋଲିସ ପିଟିବ, ଏଥିରେ ନୂଆ କଥା କ'ଣ ? ସେମାନେ ଆମକୁ ଡରାଇବେ, ଆମେ କିନ୍ତୁ ଡରିବୁ ନାହିଁ। ଆମର ଜଙ୍ଗଲ, ଝରଣା ପାଣି, ପବନକୁ ବଂଚାଇବା ପାଇଁ ଆମେ ଲଢିବୁ।" ଏହି ଗାଁର ବହୁ ଅତ୍ୟାଚାରକୁ ମୁକାବିଲା କରିଥିବା ଆନ୍ଦୋଳନର ସଂଗ୍ରାମୀ ନେତା ଲାଇ ମାଝୀ କଣ୍ଠରୁ ସେହି ବୀରତ୍ୱପୂର୍ଣ୍ଣ ଲଢେଇର କଥା ଯିଏ ଶୁଣିବ, ସିଏ ଚକିତ ଓ ଶିହରିତ ହେବ।

ପୁଣି ଏପ୍ରିଲ ୬ତାରିଖ ଦିନ, ରାଜ୍ୟ ରାଜପଥ ୪୪ ସଂଲଗ୍ନ ସିଜିମାଳିକୁ ଏକ ପ୍ରବେଶ ପଥରେ ରାସ୍ତା ନିର୍ମାଣକୁ ବିରୋଧ କରି ବୀରତ୍ୱପୂର୍ଣ୍ଣ ରକ୍ତକ୍ଷୟୀ ଲଢେଇ କରିଥିବା କିଛି ଆଦିବାସୀ ମହିଳା ଓ ଅନ୍ୟାନ୍ୟ ଲୋକ ସେହି ଦିନର ଅଭିଜ୍ଞତା କୁହନ୍ତି – "ଆମକୁ ମାରି ରକ୍ତ ନଦୀ ବୁହାଇ ଯେମିତି ହେଲେ ବି ରାସ୍ତା ନିର୍ମାଣ ଆରମ୍ଭ କରିବାକୁ ପଣ କରି ଆସିଥିଲେ ସେମାନେ। ରାସ୍ତା ଉପରେ ହଜାର ହଜାର ବନ୍ଧୁକଧାରୀ ପୋଲିସ, କୋବ୍ରା ଓ ବେଦାନ୍ତ ଗୁଣ୍ଡା ବାହିନୀ। ସିଜିମାଳି ପାହାଡ ଉପରେ ଆମେ ବି କେତେ ହଜାର ଜୀବନକୁ ପାଣି ଛଡେଇ ଆସିଛୁ, ସିଜିମାଳିକୁ ବଂଚାଇବାର ପଣ କରି। ଜିଲ୍ଲାପାଳ ଗର୍ଜନ କଲେ, 'ପଟ୍ଟା ଦେଖାଅ', ଆମେ କହିଲୁ, 'ବେଦାନ୍ତର ଗୁଣ୍ଡା ସର୍ଦ୍ଦାର, ତୁମେ ବି ପଟ୍ଟା ଦେଖାଅ', ପୁଣି ଗର୍ଜନ ଶୁଭିଲା 'ମାରି ଏମାନଙ୍କୁ ସାବାଡ କରିଦିଅ'। ଆମେ ବି କହିଲୁ , 'ଆମେ ତିଆର'। ଗୁଳି ଚାଲିଲା, ହିଂସ୍ର ଭଳି ସେମାନେ ମାଡି ଆସିଲେ। ଲଢେଇ ତ ନୁହେଁ, ଥିଲା ଯୁଦ୍ଧ। ଆମେ ଲଢିଲୁ , ଆମେ ଜିତିଲୁ। ସେମାନେ ପଛଘୁଞ୍ଚା ଦେଲେ, ଆମେ ଆଗେଇଲୁ। ଏବେ ବି ଦିନରାତି ଜଗି ରହିଛୁ। ଆମର ମା ଆମର ଜୀବନ ଏହି ସିଜିମାଳିକୁ। ସେଥିପାଇଁ ତ ରାଗରେ ଜଳି ସେ ରାତିରେ କଣ୍ଟାମାଳ ଉପରେ ଆକ୍ରମଣ କଲେ। ୭୦ ଜଣ ଏ ଲଢେଇରେ କ୍ଷତବିକ୍ଷତ ହେବା କଥା କୁହାଯାଉଛି, ହେଲେ ସଂଖ୍ୟା ବହୁତ ଅଧିକ ହେବ।"

ଗତ ଏପ୍ରିଲ ୧୨ ତାରିଖ ଦିନ ଆନ୍ଦୋଳନକୁ ସଂହତି ତଥା ଆନ୍ଦୋଳନକାରୀ ମାନଙ୍କୁ ସଂଗ୍ରାମୀ ଅଭିବାଦନ ଜଣାଇବା ପାଇଁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ସିଜିମାଳ ଗସ୍ତ କରିଥିଲେ। ସେମାନଙ୍କ ସମ୍ମୁଖରେ ଏଭଳି ବହୁ ଲୋମହର୍ଷଣକାରୀ କଥା ଏମାନେ କହିଛନ୍ତି। ଏହାର ବିବରଣୀ ଖୁବ ଲମ୍ବା ହେବ, ଏଠାରେ କିଛି ଉଲ୍ଲେଖ କରାଗଲା ମାତ୍ର।

### ସଂକ୍ଷେପରେ ଘଟଣାର ପୃଷ୍ଠଭୂମି

କଳାହାଣ୍ଡି ଜିଲ୍ଲା ଓ ରାୟଗଡା ଜିଲ୍ଲାକୁ ବ୍ୟାପି ରହିଥିବା ଉନ୍ନତମାନର ବକ୍ସାଇଟ ସମୃଦ୍ଧ ସମଗ୍ର ମାଳି ପାହାଡକୁ ଖଣି ଖନନ ପାଇଁ ଆଦାନୀ, ବେଦାନ୍ତ ଓ ଏହାର ଏକ ଠିକାଦାର କମ୍ପାନୀ ମୈତ୍ରୀ ଭଳି କିଛି କମ୍ପାନୀକୁ ଦେଇଦେବା ପାଇଁ କେନ୍ଦ୍ରରେ ଥିବା ବିଗତ କଂଗ୍ରେସ ସରକାର ଅମଳରୁ ହିଁ ନୀତି ପ୍ରଣୟନ ହୋଇ ପଦକ୍ଷେପ ନେବା ଆରମ୍ଭ ହୋଇଛି। କିଛି କିଛି ସ୍ଥାନରେ କାର୍ଯ୍ୟକାରୀ ମଧ୍ୟ ହୋଇଛି। ସେହି ଧାରାରେ ଗତ ବିଜେଡି ସରକାର ଅମଳରେ ୨୦୨୩ ଫେବୃୟାରୀରେ ସିଜିମାଳି ପାହାଡର ନିଲାମ ହୁଏ ଓ ବେଦାନ୍ତଙ୍କୁ 'ପସନ୍ଦଯୋଗ୍ୟ ନିଲାମଦାର' ଭାବେ ଘୋଷଣା କରାଯାଏ। ଉଲ୍ଲେଖଯୋଗ୍ୟ ଯେ, ଏଠାରୁ ୪୦ ରୁ ୫୦ କିମି ଦୂରରେ ଅବସ୍ଥିତ ନିୟମଗିରି ପର୍ବତକୁ ବେଦାନ୍ତ କମ୍ପାନୀ ନେବା ବିରୁଦ୍ଧରେ ଦୀର୍ଘ ୧୦ବର୍ଷ ଧରି ଶକ୍ତିଶାଳୀ ପ୍ରତିରୋଧାତ୍ମକ ଆନ୍ଦୋଳନ ହୋଇଛି। ଆନ୍ଦୋଳନ ସଫଳ ହୁଏ ଓ ବେଦାନ୍ତ ଏଠୁ ହଟିଯିବାକୁ ବାଧ୍ୟ ହୁଏ। ସେହି ସମୟରେ ସୁପ୍ରିମ କୋର୍ଟ ଦେଇଥିବା ଏ ଗୁରୁତ୍ୱପୂର୍ଣ୍ଣ ରାୟ ଅନୁଯାୟୀ, ଏହି ସମସ୍ତ ମାଳି ଅଂଚଳ ସମ୍ବିଧାନର ୫ମ ଅନୁଚ୍ଛେଦ ଅନ୍ତର୍ଗତ। ତେଣୁ ପାହାଡ, ଜମି ଆଦି କୌଣସି କମ୍ପାନୀକୁ ଦେବା କ୍ଷେତ୍ରରେ ଗ୍ରାମସଭା କରି ୮୦ ପ୍ରତିଶତ ଲୋକଙ୍କ ସମ୍ମତି ଜରୁରୀ। ଏ କ୍ଷେତ୍ରରେ ପ୍ରଶାସନିକ ଜାଲିଆତିର ବି ପର୍ଦ୍ଦାଫାସ ହୋଇଛି। ମୃତ ଲୋକଙ୍କ ଦସ୍ତଖତ, ଶିକ୍ଷିତ ଲୋକଙ୍କ ଟିପ ଚିହ୍ନ, ଅଶିକ୍ଷିତ ଲୋକଙ୍କ ଦସ୍ତଖତ ବି ସାମ୍ନାକୁ ଆସିଛି। ଗୋଟିଏ ଦିନରେ ଗୋଟିଏ ସମୟରେ ଜଣେ ଅଫିସର ଦ୍ୱାରା ୮ଟି ଗ୍ରାମ ସଭା କରିବା ଯେ ଅସମ୍ଭବ ଓ ସଂପୂର୍ଣ୍ଣ ମିଥ୍ୟା, ଜାଲିଆତି, ତାହା ଅନ୍ଧ ବି କହିବ। ତେବେ ସେ ଯା'ହଉ, ସେହି ୨୦୨୩ରୁ ହିଁ ଆନ୍ଦୋଳନ ଚାଲିଛି। ୨୦୨୩ରେ ପୋଲିସ ଆକ୍ରମଣରେ ୨୩ଜଣ ଆହତ ହୋଇଥିଲେ ଓ ସେବେଠୁ ମିଥ୍ୟା ମାମଲା ଦେଇ ଆଖିବୁଜା ଗିରଫଦାରୀ ଚାଲିଛି। ଗତ ଏପ୍ରିଲ ୦୧ ତାରିଖ ଦିନ ଏ ଅଂଚଳରେ ପୋଲିସ ସାଇରନ ଗର୍ଜି ଉଠେ। ଏପ୍ରିଲ ୩ତାରିଖରୁ ମାସେ ଯାଏ ୧୪୪ ଧାରା, ବର୍ତ୍ତମାନର ଭାରତୀୟ ନ୍ୟାୟ ସଂହିତା ଧାରା ୧୬୩ ବଳବତ୍ତର ରହିବ ବୋଲି ଘୋଷଣା କରାଯାଏ। ୪ଜଣରୁ ଅଧିକ ଲୋକ କୌଣସି ସ୍ଥାନରେ ଏକାଠି ହୋଇପାରିବେ ନାହିଁ ବୋଲି କଡା ନିର୍ଦ୍ଦେଶ ଦିଆଗଲା। ଲୋକମାନେ ବି ନିଜ ଅଭିଜ୍ଞତାରୁ ଝଡର ପୂର୍ବାଭାସ ଅନୁଭବ କରିପାରିଲେ। ହଜାର ହଜାର ପୋଲିସ, ବିଭିନ୍ନ ଧରଣର ସଶସ୍ତ୍ର ବଳ ଦ୍ୱାରା ସମଗ୍ର ଅଂଚଳ ପୋଲିସ ଛାଉଣି ହୋଇଗଲା। ଲୋକଙ୍କୁ ନିଜ ଘରେ ବନ୍ଦୀ ଅବସ୍ଥାରେ ରଖିବାକୁ ସମସ୍ତ ଉପାୟ ଅବଲମ୍ବନ କରାଗଲା। ଲୋକେ ବି ବୁଝିପାରିଲେ, ରାସ୍ତା ନିର୍ମାଣର ପ୍ରସ୍ତୁତି ଆରମ୍ଭ ହୋଇଛି, ସବୁକିଛି ସରକାର ପ୍ରାୟୋଜିତ। ଲୋକେ ବି ସଂଘବଦ୍ଧ ହେଲେ, ୩ରୁ ୫ ତାରିଖ ଲଗାତର ଭାବେ ସବୁ ଆଇନକୁ ଭାଙ୍ଗି ଚାଲିଲେ ଓ ୬ ତାରିଖ ଦିନ ସକାଳୁ କମ୍ପାନୀର ସେବାଦାସ ପୁରା ରାଷ୍ଟ୍ର ଶକ୍ତି ସହିତ ସମ୍ମୁଖ ରଣରେ ଓହ୍ଲାଇଲେ। ସାମୟିକ ହୋଇପାରେ, ତଥାପି ରାଷ୍ଟ୍ର ଶକ୍ତି ପଛକୁ ହଟିବାକୁ ବାଧ୍ୟ ହେଲା।

### 'ଭୁଲର ପୁନରାବୃତ୍ତି ହେବନି' ଏ ଘୋଷଣା କୁଆଡେ ଗଲା ?

ଗତ ବିଜେଡି-ବିଜେପି ସରକାର ଅମଳରେ, ଏହି ରାୟଗଡା ଜିଲ୍ଲାରେ ହିଁ ଆଦିତ୍ୟ ବିରଳା ପରିଚାଳିତ ଉତ୍କଳ ଆଲୁମିନା କମ୍ପାନୀର ପ୍ରସ୍ତାବିତ ବକ୍ସାଇଟ୍ ଖନନ ବିରୁଦ୍ଧରେ ସ୍ଥାନୀୟ ଆଦିବାସୀ ଓ ଅନ୍ୟାନ୍ୟ ଅଧିବାସୀମାନେ ପୋଲିସ ଅତ୍ୟାଚାର ସତ୍ତ୍ୱେ ଜୋରଦାର ପ୍ରତିବାଦ ଆନ୍ଦୋଳନ କରୁଥିଲେ। ଏହି ଜିଲ୍ଲାର କାଶୀପୁର ବ୍ଲକ୍‌ର ମାଇକଂଚ ଗାଁରେ ରାତି ଅଧରେ ୨୦୦୦ ମସିହା ଡିସେମ୍ବର ୧୬ତାରିଖ ଦିନ ସଶସ୍ତ୍ର ପୋଲିସ ପଶି ଆଖିବୁଜା ଗୁଳି ଚଳାଇ ୩ଜଣଙ୍କୁ ହତ୍ୟା କରିବା ସହିତ ଅନେକଙ୍କୁ ଘାଏଲ କରିଥିଲା ଓ ଗିରଫ କରିଥିଲା। ରାଜ୍ୟବ୍ୟାପୀ ପ୍ରତିବାଦ ଫଳରେ ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଓଡିଶା ସରକାର ଓଡିଶା ଉଚ୍ଚ ନ୍ୟାୟାଳର ଜଣେ ବିଚାରପତି ଜଷ୍ଟିସ୍ ପି.କେ ମିଶ୍ରଙ୍କ ଅଧକ୍ଷତାରେ ଏକ କମିଶନ ଗଠନ କରିଥିଲେ। ଏହି କମିଶନ ପୋଲିସର କାର୍ଯ୍ୟକୁ 'ମାତ୍ରାଧିକ' କହି ନିନ୍ଦା କରିଥିଲା ଓ ପୋଲିସ ପ୍ରଶାସନ ଦେଇଥିବା 'ଜଣେ ଅପରାଧୀକୁ ଧରିବା ପାଇଁ ଗାଁକୁ ପଶିଥିଲୁ' ଯୁକ୍ତିକୁ ଗ୍ରହଣ ନକରି ଏହା ଉଚିତ ନଥିଲା ବୋଲି କହିଥିଲା। ଗତ ସେପ୍ଟେମ୍ବର ୧ତାରିଖ, ୨୦୨୫ରେ ରାଜ୍ୟର ବିଜେପି ସରକାର ସେହି ପି.କେ ମିଶ୍ର ରିପୋର୍ଟକୁ ବିଧାନସଭାରେ ଉପସ୍ଥାପନ କରି କହିଥିଲେ, 'ଏଭଳି ଭୁଲ ଭବିଷ୍ୟତରେ ହେବ ନାହିଁ।'

ତେବେ ଏହି ଘୋଷଣାର ୬ମାସ ପରେ, ଠିକ ସେହି କାଇଦାରେ ଓ ସେହି ଯୁକ୍ତି ଦେଇ ଜଣେ ଆନ୍ଦୋଳନକାରୀ 'ଅପରାଧୀ'କୁ ଧରିବା ପାଇଁ କଣ୍ଟାମାଳ ଗାଁରେ ପଶିବା ଓ ଲୋକଙ୍କ ଆକ୍ରମଣରୁ ଆତ୍ମରକ୍ଷା ପାଇଁ ଏହା କରିବାକୁ ପଡିଲା ବୋଲି ପୋଲିସ ପ୍ରଶାସନ ଯୁକ୍ତି ଦେଇଛନ୍ତି।' ଆଦିବାସୀ ମୁଖ୍ୟମନ୍ତ୍ରୀ, ରାଜ୍ୟର ଆଦିବାସୀ ମହିଳା ରାଷ୍ଟ୍ରପତି। ତେବେ ଏହା ପଛରେ ଥିବା ବିଜେପି ଦଳର ଅସଲ ଉଦ୍ଦେଶ୍ୟ ଆଉ ତ ଅଛପା ନାହିଁ। ଲୋକ ହିଁ କହୁଛନ୍ତି, ଆଦିବାସୀମାନଙ୍କ କାନ୍ଧରେ ବନ୍ଧୁକ ରଖି କମ୍ପାନୀ ସ୍ୱାର୍ଥରେ ଆଦିବାସୀ ଶୀକାର କରିବାର ଏହା ଏକ ଚାଲ ଛଡା ଅନ୍ୟ କିଛି ନୁହେଁ।

### ଏହା ଭିତରେ ପୁଣି କୁଟ୍ରୁମାଳିକୁ ଦେବାର ଯୋଜନା

ଏପ୍ରିଲ ୬ ଓ ୭ ତାରିଖ ଘଟଣା ପରେ,

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## ସିଜିମାଳିର ପ୍ରତିରୋଧ . . .

*(୨ୟ ପୃଷ୍ଠାର ଅବଶିଷ୍ଟାଂଶ)*

ପୋଲିସ ପ୍ରଶାସନ ସାମୟିକ ପଛଘୁଞ୍ଚା ଦେଇଥିଲେ ବି କେନ୍ଦ୍ର ଓ ରାଜ୍ୟ ସରକାର ଖାଲି ସିଜିମାଳି ନୁହେଁ, ସମଗ୍ର ମାଳି ଅଂଚଳକୁ କମ୍ପାନୀ ହାତରେ ଦେବା ପାଇଁ କରିଥିବା ସାମଗ୍ରିକ ପରିକଳ୍ପନା ନଜରକୁ ଆସୁଛି। ରାସ୍ତା କାମ ବନ୍ଦ ହେବାର ଦୁଇ ତିନିଦିନ ପରେ ହିଁ କେନ୍ଦ୍ର ରେଳମନ୍ତ୍ରୀ ଘୋଷଣା କରିଛନ୍ତି ରାୟଗଡାରୁ କାଶୀପୁର ଦେଇ ଏହି ଖଣି ଅଂଚଳକୁ ଖୁବ ଶୀଘ୍ର ରେଳପଥ ନିର୍ମାଣ ହେବ। ୪ଲେନ, ୬ଲେନ ବିଶିଷ୍ଟ ରୋଡ କରିଡୋର ହେବ ଯଦ୍ୱାରା ବକ୍ସାଇଟ ପରିବହନ ସହଜ ହେବ। ଏଣେ ଆନ୍ଦୋଳନକାରୀ ଲୋକମାନଙ୍କ ଉପରେ କଡା ନଜର ରଖାଯାଇଛି। ଡ୍ରୋନ କ୍ୟାମେରା ମାଧ୍ୟମରେ ଲୋକଙ୍କ ବ୍ୟକ୍ତିଗତ ଜୀବନ ଯାତ୍ରା ଓ ଆନ୍ଦୋଳନାତ୍ମକ କାର୍ଯ୍ୟକଳାପ ଉପରେ ଗୁଇନ୍ଦାଗିରି ଚାଲିଛି। ଏହି ପରିସ୍ଥିତିରେ ସରକାର ସିଜିମାଳିକୁ ଲାଗି ରହିଥିବା ଅନ୍ୟ ଏକ ପାହାଡ କୁଟ୍ରୁମାଳି ଆଦାନୀ କମ୍ପାନୀର ମେସର୍ସ କଳିଙ୍ଗ ଆଲୁମିନାକୁ ତୁରନ୍ତ ହସ୍ତାନ୍ତର କରିବା ପାଇଁ ଯୋଜନା କରିଛନ୍ତି। ଏଥିପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଆସନ୍ତା ମେ ୧୩ତାରିଖ ଦିନ କାଶୀପୁର ବ୍ଲକ୍ କାର୍ଯ୍ୟାଳୟ ମଧ୍ୟରେ ପରିବେଶ ମଂଜୁରି ନିମନ୍ତେ ଏକ ଜନଶୁଣାଣିର ଆୟୋଜନ ପାଇଁ ବିଜ୍ଞପ୍ତି ଜାରି କରାଯାଇଛି। ଲୋକଙ୍କ ନାଁରେ ଶହ ଶହ ମିଥ୍ୟା ମାମଲା। ୩ ମାସ ହେଲାଣି ଚାଉଳ ଉଠାଇବାକୁ ବି ଲୋକେ ଆସିପାରୁ ନାହାନ୍ତି। ମେଡିକାଲ ଆସିବା, ହାଟବାଟ ସବୁ ବନ୍ଦ। ଏହି ପରିସ୍ଥିତିରେ ବାହାରୁ ଲୋକ, ନିଃସନ୍ଦେହରେ ଦଳୀୟ ଲୋକ ଆଣି ଜନଶୁଣାଣି କରି ଦେଇ ପରିବେଶ ମଂଜୁରୀ ସାଟିଫିକେଟ୍ କମ୍ପାନୀ ହାତରେ ଟେକି ଦେବାର ସମସ୍ତ ଯୋଜନା ପ୍ରସ୍ତୁତ। ସବୁକିଛି ପ୍ରାୟୋଜିତ। ଆଇନ ଖାଲି ଧର୍ମକୁ ଆଖିଠାର।

### ଓଡିଶାର ଆରାବଳୀ ଗନ୍ଧମାର୍ଦ୍ଦନ, ସିଜିମାଳିରୁ ଦେଓମାଳି ଆଜି ବିପଦରେ

ସିଜିମାଳି ସମେତ ଏ ସମସ୍ତ ମାଳି ପାର୍ବତ୍ୟାଂଚଳ ଖାଲି ବକ୍ସାଇଟ ଖଣି ପାଇଁ ନୁହେଁ, ଏହା ବିଭିନ୍ନ ଦିଗରୁ କାହିଁକି ଅନନ୍ୟ, ପ୍ରଥମେ ଏ ଅଂଚଳର ଅଧିବାସୀ ମାନଙ୍କ ମୁହଁରୁ ଶୁଣାଯାଉ। ଜଣେ ଚାଷୀ ପାଇକ ମାଝି କୁହନ୍ତି– 'ସିଜିମାଳି ଖାଲି ଏକ ନିର୍ଜୀବ ପାହାଡ ନୁହେଁ, ଏହା ଆମର ଜୀବନରେଖା। ଏଠୁ ଝରୁଥିବା ପାଣିରେ ଖରାବର୍ଷା ସବୁବେଳେ ଫସଲ ହୁଏ। ଏହି ଖରାଦିନେ ବି ସୂର୍ଯ୍ୟମୁଖୀ ଫୁଲର ଭଣ୍ଡାର। ରବି ଫସଲ ଆରମ୍ଭ ହେଲାଣି। ମକା, କାଜୁ, ଆମ୍ବ, ପଣସ, ଜାମୁକୋଳି, ସବୁଜ ପନିପରିବା ସବୁକିଛି ଏହାରି ପାଣିରୁ ହୁଏ। ପାହାଡର ବକ୍ସାଇଟ ପାଣିକୁ ଧରି ରଖେ, ଧିରେ ଧିରେ ଛାଡେ। ଖଣି ଖନନ ହେଲେ, ଏହି ପାଣି ଆଉ ଝରିବନି। ଚାଷ, ଚାଷୀ ସମସ୍ତେ ଲୋପ ପାଇବେ। ଚାଷୀ ଆତ୍ମହତ୍ୟା କରିବ। ଯେଉଁମାନେ ବଂଚିବେ ସେମାନେ ପରିଚୟହୀନ ବାସ୍ତୁହରା, ଯାଯାବରରେ ପରିଣତ ହେବେ। ମାଳି ପାହାଡର ଅସ୍ତିତ୍ୱ ସହିତ ଆମ୍ଭମାନଙ୍କ ଅସ୍ତିତ୍ୱ ମଧ୍ୟ ଲୋପ ପାଇବ।" ଏହା ଜଣଙ୍କର କଥା ନୁହେଁ ଏହା ଏ ଅଂଚଳର ସବୁ ମଣିଷଙ୍କ କଥା ଓ ବ୍ୟଥାର ଅଭିବ୍ୟକ୍ତି।

ସରକାରୀ ତଥ୍ୟ ଅନୁଯାୟୀ ସମଗ୍ର ମାଳି ପର୍ବତମାଳାରେ ଅଛି ୯୦ ଲକ୍ଷ ଟନ ବକ୍ସାଇଟ୍, ତା' ମଧ୍ୟରୁ କେବଳ ସିଜିମାଳି ପାହାଡରେ ରହିଛି ୩୧୧ ମିଲିୟନ ଟନ ବକ୍ସାଇଟ। ସମଗ୍ର ଦେଶର ୫୧ ପ୍ରତିଶତ ବକ୍ସାଇଟ ଏହି ମାଳି ପାର୍ବତ୍ୟାଂଚଳରେ ରହିଛି। ପୁଣି ଏଠି ରହିଛି ୩୦୦ରୁ ଅଧିକ ଚିରସ୍ରୋତା ଝରଣାର ଉତ୍ସ। ସମସ୍ତେ ମିଶୁଛନ୍ତି ଇନ୍ଦ୍ରାବତୀ, ନାଗାବଳୀ ନଦୀରେ। ପୁଣି ଏହି ନଦୀସବୁ ମିଶିଛି ଗୋଦାବରୀରେ। ତା' ସହିତ ରହିଛି ବିସ୍ତିର୍ଣ୍ଣ ଘଞ୍ଚ ଅରଣ୍ୟ, ବହୁ କଷ୍ଟରେ ସୃଷ୍ଟି ଚାଷଜମି, ମୂଲ୍ୟବାନ ଔଷଧୀୟ ବୃକ୍ଷ, ପଶୁ ପକ୍ଷୀ ଏମିତି ଅନେକ କିଛି।

ସିଜିମାଳି ପାହାଡ ଖନନରେ କମ୍ପାନୀ ସଫଳ ହେଲେ, ନିକଟରେ ଥିବା ଶାଶୁବୋହୁ ମାଳି, କୁଟ୍ରୁମାଳି ବି ଯିବ। ତା ସହିତ କଳାହାଣ୍ଡି ଜିଲ୍ଲାରେ ଏକ ବିସ୍ତୀର୍ଣ୍ଣ ଅଂଚଳବ୍ୟାପୀ ଥିବା ଖଣ୍ଡୁଆଳ ମାଳିର ଏକ ଅଂଶ ବେଦାନ୍ତ ପାଇବାରେ ସଫଳ ହୋଇଥିବାବେଳେ ସଂପୂର୍ଣ୍ଣ ପାହାଡକୁ ନିଲାମ କରିଦେବା ସମେତ ଏହିଭଳି ନିଲାମ ପ୍ରକ୍ରିୟାରେ ଥିବା ସମଗ୍ର ମାଳି ଅଂଚଳ ଧ୍ୱଂସ ହେବାର ପଥ ସୁଗମ ହେବ। ଗନ୍ଧମାର୍ଦ୍ଦନରୁ ଦେଓମାଳି, ଓଡିଶାର ଏହି ଆରାବଳୀ ଉପରେ ଦେଶୀ-ବିଦେଶୀ କମ୍ପାନୀର ଲୋଲୁପ ଦୃଷ୍ଟି ପଡିଛି। ଏଥିରେ ସଫଳ ହେଲେ ଖାଲି ଏ ଅଂଚଳର ଲୋକଙ୍କ ଜୀବନ-ଜୀବିକା ଧ୍ୱଂସ ପାଇବ ତା' ନୁହେଁ, ପ୍ରକୃତି, ପରିବେଶ, ନଦ-ନଦୀ ଯେ କେତେ ପ୍ରଭାବିତ ହେବ, ଜୈବ ବିଭିଦତା ଧ୍ୱଂସ ହେବ, କ୍ରମବର୍ଦ୍ଧିଷ୍ଣୁ ତାପମାତ୍ର ବୃଦ୍ଧି କେତେ ଭୟାବୟ ହେବ, ତାହା ଲୋକେ ଏବେ ନବୁଝିଲେ ଆଉ କେବେ ବୁଝିବେ ?

### ଦ୍ୱିତୀୟ ଶିଳ୍ପ ବିପ୍ଳବ ଓ କିଛି ପ୍ରଶ୍ନ

ରାଜ୍ୟର ବିଜେପି ସରକାର ବିଭିନ୍ନ ସମୟରେ ଭୁବନେଶ୍ୱରରେ, ଦିଲ୍ଲୀ ଆଦି ସ୍ଥାନରେ ପ୍ରଚୁର ଅର୍ଥ ବ୍ୟୟକରି ବିଭିନ୍ନ ଧରଣର ଶିଳ୍ପ କନକ୍ଲେଭ ବା ଶିଳ୍ପ ମେଳା ଧୁମଧାମରେ କରୁଛନ୍ତି। ସଂପ୍ରତି ଏକ କନକ୍ଲେଭରେ ମୁଖ୍ୟମନ୍ତ୍ରୀ କହିଛନ୍ତି – ରାଜ୍ୟରେ ୪୦ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ଶିଳ୍ପ ଓ ପ୍ରକଳ୍ପର ଭିତ୍ତିପ୍ରସ୍ତ ସ୍ଥାପିତ ହୋଇଛି। ବର୍ତ୍ତମାନ ଦ୍ୱିତୀୟ ଶିଳ୍ପ ବିପ୍ଳବର ଯୁଗ ଆରମ୍ଭ ହୋଇଛି। ଦେଶୀ, ବିଦେଶୀ ପୁଞ୍ଜିପତିମାନଙ୍କୁ ସେଥିପାଇଁ ସବୁ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ଖଣି, ଖାଦାନ, ପାହାଡ, ପାଣି ସବୁକିଛି ଯୋଗାଇ ଦିଆଯିବ। ଏପରିକି ଜଳସେଚିତ ଚାଷ ଜମିକୁ ବି ଶିଳ୍ପପାଇଁ ଯୋଗାଇ ଦେବା ନିମନ୍ତେ ଥିବା ଆଇନଗତ ବାଧା କଟକଣାକୁ ଉଠାଇ ଦେବା ପାଇଁ ନିକଟରେ ଏକ ବିଜ୍ଞପ୍ତି ଜାରୀ କରିଛନ୍ତି। ମାତ୍ର ଆମ ଦେଶ ତଥା ରାଜ୍ୟରେ ବର୍ତ୍ତମାନ କିଭଳି ଶିଳ୍ପ ବିପ୍ଳବ ଚାଲିଛି ? ଗୋଟିଏ କାରଖାନା ତିଆରି ହେଲେ ୧୦୦ଟା କାରଖାନା ବନ୍ଦ ହେଉଛି। ତାଳଚେରର ସାରକାରଖାନା, ବଲାଙ୍ଗିର ଚିନିକଳ, ସୋନପୁରର ସୂତାକଲ ଭଳି ବହୁ ଉଦାହରଣ ଦିଆଯାଇପାରେ। ପୁଣି ବହୁ କ୍ଷେତ୍ରରେ କେଉଁଠି ନୋଟିସ ତ କେଉଁଠି ବିନା ନୋଟିସରେ ହଠାତ୍ କାରଖାନା ବନ୍ଦ କରିଦିଆଯାଉଛି। ଦେଶରେ ଆଜି ଭୟାବହ ବେକାରୀ ସମସ୍ୟା। ଶିଳ୍ପ ହେବ, ସେଥିପାଇଁ ଖଣି ନେବ କିନ୍ତୁ ଲୋକଙ୍କୁ ନିଯୁକ୍ତି ମିଳିବ କି ? ନା ମିଳୁଛି ? ସେହି ରାୟଗଡା ଜିଲ୍ଲାରେ ତ କିଛି ପାହାଡରେ ଖଣି ଖନନ ଚାଲିଛି। ଲାଂଜିଗଡରେ ଝାରସୁଗୁଡାରେ ବେଦାନ୍ତ କମ୍ପାନୀର ଆଲୁମିନିୟମ ରିଫାଇନାରୀ କାରଖାନା ଅଛି, ତଥ୍ୟରୁ ଜଣାପଡିଛି ଏଠି ବର୍ଷକୁ ୨ମିଲିୟନ ଟନ ବକ୍ସାଇଟ୍ ଦରକାର ହୁଏ, ଏବେ ସଂପ୍ରସାରଣ ହେବ, ଆବଶ୍ୟକ କରୁଛି ବର୍ଷକୁ ୬ମିଲିୟନ ଟନ। ତେଣୁ ନୂଆ ଖଣି ଦରକାର। ତେବେ ଏହି କାରଖାନାରେ କେତେ ସ୍ଥାୟୀ କାମ କେତେ ଜଣଙ୍କୁ ମିଳିଛି ? ଅନୁଗୁଳ, ଯାଜପୁର ଆଦି ଜିଲ୍ଲାରେ ତ ଶିଳ୍ପର ଅଭାବ ନାହିଁ। କୋଇଲା, କ୍ରୋମାଇଟ୍ ଖଣି ନିର୍ବିଚାରରେ ଖୋଳା ଚାଲିଛି। ଛେଣ୍ଡିପଦା ବ୍ଲକ୍ ମାଟିଗର୍ଭକୁ ଯିବାକୁ ବସିଛି। କେତେ ଲୋକ ନିଯୁକ୍ତି ପାଇଛନ୍ତି ? ପରିବେଶ ପ୍ରଦୂଷଣ, ଅସହନୀୟ ତାତି, ଧୂଳି ଧୂଆଁରେ ଲୋକ ଅତିଷ୍ଟ, ବିଭିନ୍ନ ରୋଗରେ ଆକ୍ରାନ୍ତ। ଶିଳ୍ପ ବିପ୍ଳବର କଥା କହୁଥିବା ସରକାରଙ୍କ ନିକଟରେ ବାରମ୍ବାର ଦାବି ହେଉଛି, ଯେତେ ଶିଳ୍ପ କାରଖାନା ହୋଇଛି, ସେଠି କେତେ ଲୋକ ନିଯୁକ୍ତି ପାଇଛନ୍ତି, ତାର ଏକ ଶ୍ୱେତପତ୍ର ଜାରୀ କରନ୍ତୁ। କାହିଁକି ଏ ପର୍ଯ୍ୟନ୍ତ କରିପାରୁ ନାହାନ୍ତି ? ବରଂ ଦେଖାଯାଉଛି, ନିର୍ବିଚାରରେ ଛଟେଇ ଚାଲିଛି ଯାହାର ନାଁ ଦିଆଯାଇଛି 'ଡାଉନ ସାଇଜିଂ'। ରାଉରକେଲା, ନାଲକୋ ଭଳି ରାଷ୍ଟ୍ରାୟତ୍ତ କାରଖାନାରେ ଉତ୍ପାଦନ କ୍ଷମତା ବଢିଛି, କିନ୍ତୁ ସ୍ଥାୟୀ ନିଯୁକ୍ତି ମାରାତ୍ମକ ଭାବେ ହ୍ରାସ ପାଇଛି। ଠିକାରେ ଶ୍ରମିକମାନଙ୍କୁ କମ ମଜୁରୀ ଦେଇ ଗୋତି ଶ୍ରମିକ ଭଳି ଖଟା ଯାଉଛି। ଆହୁରି ବି ଦେଖାଯାଉଛି, ଶିଳ୍ପ ପାଇଁ ଜମି ଅଧିଗ୍ରହଣ ହୋଇ ଶିଳ୍ପ ପ୍ରତିଷ୍ଠା ହୋଇନି, କିନ୍ତୁ ଜମି ଜାଗା କମ୍ପାନୀ ଅଧିନରେ। ଏହା ହିଁ କ'ଣ ଶିଳ୍ପ ବିପ୍ଳବ ? ପ୍ରକୃତ ଶିଳ୍ପ ବିପ୍ଳବର ଅର୍ଥ କ'ଣ ? ଏ ଦେଶର ଜଣେ ଅଗ୍ରଗଣ୍ୟ ମାର୍କ୍ସବାଦୀ ଦାର୍ଶନିକ କମ୍ରେଡ ଶିବଦାସ ଘୋଷ କହିଛନ୍ତି – "ଯେତେବେଳେ କୌଣସି ଏକ ବିକାଶଶୀଳ ଦେଶ ଶିଳ୍ପୋଦ୍ୟୋଗ ପଥରେ ପାଦ ବଢାଉଛି, ସେତେବେଳେ ତ ସେ କ୍ରମାଗତ ଭାବେ ଶିଳ୍ପ କରାଖାନା ପ୍ରତିଷ୍ଠା କରିବ। ଏହି ରାସ୍ତା ଯଦି ଖୋଲାଥାଏ, ତା'ହେଲେ କୌଣସି ଦିନ ସେହି ଦେଶରେ ଲେ-ଅଫ ହୁଏ ନାହିଁ।"ପୁଞ୍ଜିବାଦ ତା'ର ବିକାଶ ଯୁଗରେ ଯେଉଁ ଶିଳ୍ପ ବିପ୍ଳବର କଥା କହିଥିଲା ଓ କିଛି ଦୂର ଅଗ୍ରସର ହୋଇଥିଲା, ଆଜି ତା'ର ମରଣାସନ୍ନ ଯୁଗ ଅର୍ଥାତ୍ ସାମ୍ରାଜ୍ୟବାଦୀ ଯୁଗରେ ସେହି ଶିଳ୍ପ ବିପ୍ଳବର ପଥରେ ସେ ହିଁ ଇତିହାସର ନିୟମରେ ସବୁଠୁ ବଡ ବାଧା। ଏଠି ଆଉ ଶିଳ୍ପର ବିକାଶ ହୋଇପାରିବ ନାହିଁ। ତା'ର କାରଣ ହେଲା ବଜାର ସଂକୋଚନ। ସଂକୋଚନର ଅର୍ଥ ବଜାରରେ କ୍ରେତାର ଅଭାବ। କ୍ରମାଗତ ପୁଞ୍ଜିବାଦୀ ଶୋଷଣ ଫଳରେ ଲୋକଙ୍କର କ୍ରୟ କ୍ଷମତା କମୁଛି। ଆୟର ଉତ୍ସ କମି କମି ଆସୁଛି। ବେକାର ମାଳ ମାଳ। ଗରିବ ସଂଖ୍ୟା ବଢି ବଢି ଚାଲିଛି। ପୁଞ୍ଜିବାଦୀ ଉତ୍ପାଦନର ମୂଳ ନିୟମ ଓ ନୀତି ହେଲା ପୁଞ୍ଜିପତି ମାନଙ୍କର ସର୍ବୋଚ୍ଚ ଲାଭ ଓ ମାଲିକ-ଶ୍ରମିକ ସଂପର୍କ ଭିତ୍ତିରେ ଉତ୍ପାଦନ। ଏହି ନିୟମରେ ଶିଳ୍ପର ବିକାଶ ସମ୍ଭବ ନୁହେଁ। ସଂକଟ ନିଶ୍ଚିତ ଦେଖାଦେବ ଯାହା ଆମେ ପ୍ରତ୍ୟକ୍ଷ କରୁଛୁ। ଏହା ସତ ଏକ ଶିଳ୍ପୋନ୍ନତ ଦେଶ ହିଁ ଏକ ବିକଶିତ ଦେଶ। ଇତିହାସର ଅମୋଘ ନିୟମରେ ସାମ୍ରାଜ୍ୟବାଦୀ ଯୁଗର ପୁଞ୍ଜିବାଦ ସେହି କାମ କରିପାରିବ ନାହିଁ। କେବଳ ଏକ ସମାଜତାନ୍ତ୍ରିକ ବ୍ୟବସ୍ଥାରେ, ଯେଉଁଠି ଏହାର ବିପରୀତ ଉଦ୍ଦେଶ୍ୟରେ, ସର୍ବୋଚ୍ଚ ଲାଭ ପାଇଁ ନୁହେଁ, ଜନଗଣଙ୍କୁ କର୍ମସଂସ୍ଥାନ ଯୋଗାଇ ଦେଇ ସେମାନଙ୍କର ବୈଷୟିକ ଓ ସାଂସ୍କୃତିକ ଚାହିଦା ପୂରଣ ଲକ୍ଷ୍ୟରେ ଉତ୍ପାଦନ ହୁଏ, ସେହିଠାରେ ହିଁ ଶିଳ୍ପ ବିକାଶ ଓ ପ୍ରକୃତ ଶିଳ୍ପ ବିପ୍ଳବ ସମ୍ଭବ।" ଉକ୍ତ ପ୍ରସଙ୍ଗରେ ଏହି କଥାଟି ବିଶେଷ ଭାବେ ଉଲ୍ଲେଖଯୋଗ୍ୟ।

ତେଣୁ ଦେଖାଯାଉଛି ଶିଳ୍ପାୟନ ନାଁରେ କମ୍ପାନୀ ହାତରେ ସବୁ ସଂପଦ କେତେ ଶୀଘ୍ର ଟେକି ଦିଆଯାଇପାରେ ଓ ଖଣି ବିକ୍ରି କେତେ ରାଜସ୍ୱ ସଂଗ୍ରହ କରାଯାଇପାରେ, ତା'ହିଁ ସରକାରଙ୍କ ନୀତି ହୋଇଛି। ସେଥିପାଇଁ ଦେଶ ବିଦେଶ ବୁଲି ବୁଲି କମ୍ପାନୀର ରାଜନୈତିକ ମ୍ୟାନେଜର ଭାବେ ଏହି ସରକାର ରାଜ୍ୟରେ ଥିବା ଖଣିଜ ପଦାର୍ଥର ମୂଲ୍ୟ ପ୍ରଚାର କରି ଓଡିଶାକୁ ଆମନ୍ତ୍ରଣ କରୁଛନ୍ତି। ସୁତରାଂ, ଶିଳ୍ପାୟନ ନାଁରେ ଖଣି ଲୁଟ କରି ଲୋକଙ୍କ ଜୀବନ ଜୀବିକା ତଥା ପ୍ରକୃତି ଓ ପରିବେଶକୁ ଧ୍ୱଂସ ମୁଖରେ ଠେଲି ଦେବାର ପଦକ୍ଷେପକୁ ମାନି ନିଆଯାଇପାରେନା। ବିକାଶ ନାଁରେ ମୁଷ୍ଟିମେୟ କମ୍ପାନୀମାନଙ୍କ ବିକାଶ ପାଇଁ ସାଧାରଣ ଲୋକଙ୍କ ଜୀବନ ଜୀବିକାର ସର୍ବନାଶକୁ ଗ୍ରହଣ କରାଯାଇ ପାରେନ।

### କୁମ୍ଭୀର କାନ୍ଦଣାରେ ଭ୍ରମିତ ହେଲେ ସର୍ବନାଶ ହେବ

ସିଜିମାଳି ଆନ୍ଦୋଳନରେ ପୋଲିସ ଅତ୍ୟାଚାରରେ କୁମ୍ଭୀର କାନ୍ଦଣା କାନ୍ଦୁଥିବା ଦଳ ଓ ଭଦ୍ର ଲୋକମାନଙ୍କର ଅଭାବ ନାହିଁ। କଣ୍ଟାମାଳକୁ ଦାମି ଦାମି ଗାଡିର ସୁଅ ଛୁଟୁଛି। ଏ ଅଂଚଳରେ ଖଣି ଲିଜ ନେବାକୁ କଂଗ୍ରେସ-ବିଜେଡି-ବିଜେପି ସର୍ବଦଳୀୟ ବୈଠକରେ ସହମତି ପ୍ରକାଶ କରିଥିଲେ। ରାୟଗଡା କଂଗ୍ରେସ ବିଧାୟକ ଖଣି ଖନନ ପ୍ରକ୍ରିୟା ଆରମ୍ଭ କରିବା ଓ ଖଣି ଖନନକୁ ବିରୋଧ କରୁଥିବା ଲୋକମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଦିଆଯାଇଥିବା ଦସ୍ତଖତ ପତ୍ରରେ ଅନ୍ୟତମ ଦସ୍ତଖତ କାରୀ ଥିଲେ। ପୁଣି କେନ୍ଦ୍ରର ବିଜେପି ସରକାର ଅମଳରେ ଗଣତାନ୍ତ୍ରିକ ଗଣ ଆନ୍ଦୋଳନକୁ ଦମନ କରିବାପାଇଁ ଉଦ୍ଦିଷ୍ଟ ଆଇନକୁ ଆହୁରି କଠୋର କରି ପୋଲିସ ହାତରେ ଅମାପ କ୍ଷମତା ଦେବାକୁ ଆସିଥିବା ଆଇନ, ତୋନୋଟି କଳା କୃଷି ଆଇନ, ଜଙ୍ଗଲ ସଂରକ୍ଷଣ ଆଇନ-୨୦୦୬ର ସଂଶୋଧନ ସମେତ ସମସ୍ତ କଳା ଆଇନ ପାସ କରାଇବା କ୍ଷେତ୍ରରେ ପାର୍ଲିଆମେଣ୍ଟର ଉଭୟ ଗୃହରେ ବିଜେଡି ବିଜେପି କରକାରକୁ ସମର୍ଥନ ଦେଇଥିଲା। ଏକଥା ମଧ୍ୟ ଭୁଲିଗଲେ ଚଳିବ ନାହିଁ।

### ବିସ୍ଥାପନ ବିରୋଧୀ ଆନ୍ଦୋଳନକୁ ବ୍ୟାପକ ଓ ତୀବ୍ର କରିବାକୁ ହେବ

ଆଜି ରାଜ୍ୟରେ ପ୍ରତିଷ୍ଠିତ ବିଜେପିର ଡବଲ ଇଂଜିନ ସରକାରରେ କମ୍ପାନୀ ସ୍ୱାର୍ଥରେ ସମସ୍ତ ଦିଗରୁ ଶୋଷିତ ମଣିଷ ଉପରେ ଶୋଷଣର ବ୍ୟାପକତା ଓ ତୀବ୍ରତା ତଥା ଗଣତାନ୍ତ୍ରିକ ଗଣ ଆନ୍ଦୋଳନ ଉପରେ ରାଷ୍ଟ୍ରଶକ୍ତିର ଦମନର ନୃଶଂସତା ଭୟାବହ ରୂପ ଧାରଣ କରିଛି। ୭୦ବର୍ଷ ଧରି ଚାଲିଥିବା ବିସ୍ଥାପନ ସମସ୍ୟା ଆଜି ବିସ୍ଫୋରକ ସ୍ଥିତିରେ ପହଞ୍ଚିଛି। କେନ୍ଦୁଝରର ପାଟଣା ବ୍ଲକ୍‌ର ୨୨ଟି ଗ୍ରାମର ଜଳସେଚିତ ଜମି ତଥା ଅନ୍ୟାନ୍ୟ ପ୍ରାକୃତିକ ସଂପଦ ଦଖଲ ପାଇଁ ଜିନ୍ଦଲ-ପୋସ୍କୋର ସେବାଦାସ ରାଜ୍ୟ ସରକାରଙ୍କ ପୋଲିସ ପ୍ରଶାସନ ସହିତ ଏ ଅଂଚଳର ଲୋକଙ୍କ ମୁକାବିଲାମୂଳକ ଲଢେଇ ଚାଲିଛି। ସୁନ୍ଦରଗଡର ଲାଂଜିବେର୍ଣ୍ଣାରେ ଡାଲମିଆଁ-ଓସିଏଲ୍ ବିରୁଦ୍ଧରେ ଲଢେଇ ଚାଲିଛି। ଅନୁଗୁଳ ଜିଲ୍ଲାରେ ଅଭୟାରଣ୍ୟ ପ୍ରକଳ୍ପ ତଥା କମ୍ପାନୀମାନଙ୍କ କୋଇଲା ଖଣି ଖନନ ଓ ବିଭିନ୍ନ ଶିଳ୍ପ ଯୋଗୁ କ୍ଷତିଗ୍ରସ୍ତ ଲୋକଙ୍କ ଆନ୍ଦୋଳନ ଚାଲିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଜନ ଆନ୍ଦୋଳନ ବିଭିନ୍ନ ଭାବରେ ଚାଲିଛି। ସଠିକ ଦୃଷ୍ଟିଭଙ୍ଗିରେ, ସଠିକ ଦିଗନିର୍ଦ୍ଦେଶରେ ସମସ୍ତ ଆନ୍ଦୋଳନକୁ ସମନ୍ୱିତ କରି ଏକ ସାମଗ୍ରିକ ଶକ୍ତିଶାଳୀ ଗଣଆନ୍ଦୋଳନ ହିଁ ଆଜି ସମୟର ଜରୁରୀ ଆହ୍ୱାନଭାବେ ଦେଖା ଦେଇଛି।

★★★

# ଦାନ ମାଝୀ ରୁ ଜିତୁ ମୁଣ୍ଡା ପର୍ଯ୍ୟନ୍ତ ଯେଉଁ ପ୍ରଶ୍ନସବୁ ଉତ୍ଥାପିତ କରନ୍ତି

ଜାନୁୟାରୀ ୨୬ ତାରିଖ, ଦେଶର ସାଧାରଣତନ୍ତ୍ର ଦିବସରେ ତା'ର ମୃତ୍ୟୁ ହୋଇଥିଲା। ତେବେ ମଲାବେଳେ ସେ କେବେ ଭାବିଥିଲା, ତିନିମାସ ପରେ ପୁଣି ତା'ର ଶବ ଦରକାର ପଡିବ; ରକ୍ତକୁ ପାଣି କରି ବ୍ୟାଙ୍କରେ ଜମା ରଖିଥିବା ସେହି କେତୋଟି ଟଙ୍କା ଉଠାଇବା ପାଇଁ! ମାଟି ତଳୁ ଖୋଳା ହୋଇ ବଡ ଭାଇ ଜିତୁ ମୁଣ୍ଡା କାନ୍ଧରେ ଝୁଲି ଝୁଲି ପୁଣି ଫେରିବ ବ୍ୟାଙ୍କ ଦୁଆରକୁ ନିଜର ମରିବାର ପ୍ରମାଣ ଦେବା ପାଇଁ! ବଂଚିଥିଲାବେଳେ ତ କେବେ ଆରାମରେ ଶୋଇ ପାରିନଥିଲା। ଭାବିଥିଲା ମଲାପରେ ମାଟିତଳେ ଆରାମରେ ଶୋଇ ରହିବ, ଆଉ ଉଠିବ ନାହିଁ। ଏ ବ୍ୟବସ୍ଥା ମଲାପରେ ବି ତାକୁ କିନ୍ତୁ ନିଶ୍ଚିନ୍ତରେ ଶୁଆଇ ଦେଲା ନାହିଁ।

ଜୀବନ୍ତ କରଲା ମୁଣ୍ଡାଠାରୁ ମୃତ କରଲା ମୁଣ୍ଡାର କଙ୍କାଳର ଦାମ ସତରେ କେତେ ଅଧିକ! ତା'ର ଜନମ ମାଟି କେନ୍ଦୁଝର ଜିଲ୍ଲାର ଅଜଣା ମାଲିପୋଷି ଗାଁର ମୂଲ୍ୟ କେତେ ବଢିଯାଇଛି? ଦାମୀ ଦାମୀ ଗାଡି ଆଉ ନାମି ନାମି ଲୋକଙ୍କର ସୁଅ ଛୁଟୁଛି। ନେତା, ମନ୍ତ୍ରୀ ଅଫିସର ଭାଇ ଜିତୁ ମୁଣ୍ଡା ହାତରେ ଟଙ୍କା କେତେଟା ଗୁଞ୍ଜି ଦେଇ କ୍ୟାମେରା ଆଗରେ ବିଭିନ୍ନ ପୋଜର ଫଟୋ ଉଠାଉଛନ୍ତି। ଫୁଙ୍ଗୁଳା ଦେହରେ ଜିତୁ ଏମାନଙ୍କୁ ମଟ ମଟ କରି ଚାହୁଁଛି। ସେ କ'ଣ କେବେ ସ୍ୱପ୍ନରେ ବି ଭାବିଥିଲା, ଏଭଳି ହେବ? ମାଟି ଖୋଳି ଭଉଣୀର ଶବ ଉଠାଇବ? ଏହା କଲାବେଳେ ତା'ର ଶିରା ପ୍ରଶିରାର ରକ୍ତ କଣିକା ସବୁ ଶୀତଳ ନା ଉଷ୍ଣ ହୋଇଯାଇଥିବ, କିଏ ବା କହିବ? ସେହି ମୁହୂର୍ତ୍ତରେ ତା' ପ୍ରାଣକୁ ଯେଉଁ ଭାବନାର ତରଙ୍ଗ ସବୁ ଆନ୍ଦୋଳିତ କରୁଥିବ, ତା' କିଏ ବା ବୁଝିବ? ହୁଏତ ସେ ଏହି ମଶାଣିକୁ କେତେଥର ଗଇନ୍ତି ଧରି ଯାଇଥିବ, ସାନ ଭଉଣୀର ମଉଳା ମୁହଁ ତାକୁ ଅରେଇ ଦେଉଥିବ, ଆଉ ଫେରି ଆସିଥିବ। 'ଯା' ନାଁରେ ଟଙ୍କା, ସିଏ ଆସିଲେ ପାଇବୁ। ସେ ମରିଛି ଯଦି ତା'ର ପ୍ରମାଣ ସାର୍ଟିଫିକେଟ୍ ଦେଖା' - ବ୍ୟାଙ୍କ ଅଫିସରଙ୍କ ଏହି ଆଇନର କଥା ତା' କାନରେ ହୁଏତ ପଶୁନଥିବ। ସେ ହୁଏତ ପ୍ରତିଥର ଏହି କଥା ଶୁଣି ଶୁଣି ବ୍ୟାଙ୍କକୁ ଫେରିବା ବାଟରେ ମଶାଣି ଆଡକୁ ଯାଉଥିବ, ଆଉ ସେହି ମାଟି ଉପରେ ଲୁହ ଢାଳୁଥିବ। ସହଜ ସରଳ ଆଦିବାସୀ ମନ। ଅଭାବ ଅନଟନର ଝାଉଁରେ ସେ ଯେ ଝାଉଁଳି ଯାଇଛି, ତା'ତ ତା'ର କଙ୍କାଳସମ ଶରୀର କହୁଛି। ହୁଏତ ସେହି ଟଙ୍କା କେତେଟା ପାଇଁ ସେ ପାଗଳ ପ୍ରାୟ ହୋଇଯାଉଥିବ। ଶେଷରେ ହୁଏତ ନିଜକୁ ବୁଝାଇ ବଜ୍ର କରିଛି। ପ୍ରମାଣକୁ ଆଣିବା ପାଇଁ ଗଇଁତିରେ ମଶାଣିର ମାଟିକୁ ବିଦୀର୍ଣ୍ଣ କରିଛି। ୩ ମାସର ଶବ। ପୁରା କଙ୍କାଳ ହୋଇ ନାହିଁ। ଉପର ଅଂଶଟି ଛିଣ୍ଡା କପଡାରେ ଗୁଡା। କଙ୍କାଳସମ ଗୋଡ ଦୁଇଟି ତା' କାନ୍ଧରେ ଝୁଲୁଛି, ଆଉ ସେ ବୀର ଦର୍ପରେ ଚାଲୁଛି ବ୍ୟାଙ୍କକୁ, ଅଫିସରକୁ ପ୍ରମାଣ ଦେଖାଇବା ପାଇଁ। ଏମିତି ଦିନେ ଚାଲିଥିବା କଳାହାଣ୍ଡିର ଦାନ ମାଝୀ ନିଜ ଗାଁ ମଶାଣିକୁ, ବହୁ ପଥ, ନିଜର କ୍ରନ୍ଦନ ରତ ୧୨ବର୍ଷର ବାଳୁତ ସନ୍ତାନକୁ ସଙ୍ଗୀ କରି। ଆମ୍ବୁଲାନ୍ସ ପାଇ ନାହିଁ। ଆଜି ପୁଣି ଆଉ ଜଣେ ଦାନ ମାଝୀ ଚାଲିଛି, ନିଜର ହକ୍ ପାଇବା ପାଇଁ।

କିଛିଦିନ ପରେ ଦାନ ମାଝି ଭଳି ଜିତୁ ମୁଣ୍ଡା ବି ହଜି ଯିବ। ପୁଣି ବଜାର ଗରମ ହେବ। ଆଉ ଆପଣା ନିୟମରେ ଥଣ୍ଡା ହୋଇଯିବ। ସ୍ମୃତି ଅପେକ୍ଷା କରିବ ଆଉ ଜଣେ ଦାନ ମାଝୀକୁ।

ଜିତୁ ମୁଣ୍ଡା, ଦାନ ମାଝୀମାନେ ଆଖିରେ ଆଙ୍ଗୁଳି ଗୁଂଜି ଦେଖାଇ ଦିଅନ୍ତି, ଯାହାକିଛି ଆଇନସମ୍ମତ, ତା' ମାନବିକ ନୁହେଁ। ଆଇନ ଆଗରେ ହାର ମାନିଛି ମାନବିକତା। ଡକ୍ୟୁମେଣ୍ଟ ପାଇଁ ଏଭଳି କେତେ କରଲା ମୁଣ୍ଡା ମଶାଣିରୁ ପୁଣି ଉଠି ଆସିବେ, ପ୍ରମାଣ ପାଇଁ ଏମାନେ ଲୋଡା ହେବେ, ବାପା, ଭାଇ ସ୍ୱାମୀ ବା ପୁତ୍ରଙ୍କ କାନ୍ଧରେ ବୁହା ହୋଇ ଆସିବେ।

ସ୍ୱାଧୀନତାର ୮୦ବର୍ଷ ପରେ ଏହା ହିଁ ବିକାଶର ମୂର୍ତ୍ତ ଇସ୍ତାହାର। ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ରାଜ୍ୟର ଏକ ନମ୍ବର ଜିଲ୍ଲା ହେବାକୁ ଯାଉଛି। ପ୍ରତିଦିନ ଖବରକାଗଜରେ ତା'ର ବିଜ୍ଞାପନ। ଏହି ଜିଲ୍ଲାର ପାର୍ଶ୍ୱବର୍ତ୍ତୀ ମୟୁରଭଞ୍ଜ ଜିଲ୍ଲାର ଜଣେ ଆଦିବାସୀ ମହିଳା ଦେଶର ରାଷ୍ଟ୍ରପତି। ଆଦିବାସୀ ରାଷ୍ଟ୍ରପତି, ଆଦିବାସୀ ମୁଖ୍ୟମନ୍ତ୍ରୀ। ଏଥିରେ ହୁଏତ କରଲା ମୁଣ୍ଡା, ଜିତୁ ମୁଣ୍ଡା କିଛି ସମୟ ପାଇଁ ହେଲେ ବି ଖୁସିରେ ଅନ୍ୟମାନଙ୍କ ଭଳି ଗଦଗଦ ହୋଇଥିବେ। ଆଦିବାସୀ ଉନ୍ନୟନର ଡିଣ୍ଡିମ ଶୁଣି ବିମୋହିତ ହୋଇଥିବେ। କିନ୍ତୁ ଏହି ହୃଦୟଥରା ଘଟଣା କ'ଣ ପ୍ରମାଣ କରେ? ସବୁକିଛି ଭୋଟ ହାତେଇବା ପାଇଁ। ମାଲିକମାନଙ୍କ ସେବାରେ ଦିନରାତି ମଗ୍ନ ଏ ସରକାର, ଏହିସବୁ ଭୋଟସର୍ବସ୍ୱ ଦଳମାନଙ୍କ ନିକଟରେ ଏହି ଶୋଷିତ ଆଦିବାସୀ ମଣିଷଙ୍କର କୌଣସି ମୂଲ୍ୟ ନାହିଁ। ଜାତି, ଧର୍ମ, ଭାଷାର କିଛି ଅର୍ଥ ନାହିଁ। ସେଥିପାଇଁ ତ ଏଠି କରଲା ମୁଣ୍ଡାର କରୁଣ କଙ୍କାଳ ବିଳାପ କରୁଥିବାବେଳେ, ଆଦିବାସୀ ମୁଖ୍ୟମନ୍ତ୍ରୀ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଓଡିଶାରେ ବିଜେପିର ଡବଲ ଇଂଜିନ ସରକାରର ସଫଳତାର ଗାଥା ହସ ହସ ମୁହଁରେ ବଖାଣୁଛନ୍ତି।

ଏସବୁ କଥା କ'ଣ ଆମର ହୃଦୟତନ୍ତ୍ରୀକୁ ଥରାଇ ଦିଏନା, ମନପ୍ରାଣକୁ ଅସ୍ଥିର କରେନା, ଜିତୁ ମୁଣ୍ଡା, ଦାନ ମାଝିର ଲୁହ ଆମକୁ ସଂଗ୍ରାମର ଭିନ୍ନ ପଥର ସନ୍ଧାନ ଦିଏନା, ଏ ଦୁଃଖର ଚିର ଅବସାନ ପାଇଁ ସମାଜ ପରିବର୍ତ୍ତନର ଦାୟିତ୍ୱ ପାଳନରେ ଆହୁରି ଶକ୍ତି, ଆବେଗ ଓ ସାହସ ଯୋଗାଏ ନା? ଏ ପ୍ରଶ୍ନରେ ନିରୁତ୍ତର ରହି ଆମେ କ'ଣ ଆମର ମନୁଷ୍ୟତ୍ୱର ଯଥାର୍ଥ ମୂଲ୍ୟ ଦେଇ ପାରିବା?

## କେଉଁଝରର ଜିତୁ ମୁଣ୍ଡା ଘଟଣାରେ ଏସୟୁସିଆଇ(କମ୍ୟୁନିଷ୍ଟ)ର ପ୍ରତିକ୍ରିୟା

କେନ୍ଦୁଝର ଜିଲ୍ଲା ପାଟନା ବ୍ଲକ ମଲିପୋଷି ଗ୍ରାମ ର ଜିତୁ ମୁଣ୍ଡା ନିଜର ମୃତ ଭଉଣୀର ଜମା ଟଙ୍କା ଆଣିବାପାଇଁ ବାରମ୍ବାର ବ୍ୟାଙ୍କକୁ ଦୌଡିବା, ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କୁ ଟଙ୍କା ନେବା ପାଇଁ ଆବଶ୍ୟକ ଡକ୍ୟୁମେଣ୍ଟ ମାଗିବା ଓ ସେ ଦେଇ ନପାରି ଘରକୁ ଫେରି ମାଟିତଳୁ ଭଉଣୀର ଗଳିତ ଶବ ଖୋଳି ବାହାର କରି କାନ୍ଧରେ ବୋହି ବ୍ୟାଙ୍କକୁ ନେଇଯିବା ଘଟଣା ସାରା ଦେଶରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣାରେ ଗଭୀର କ୍ଷୋଭ ପ୍ରକାଶ କରି ଏସୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ ସମ୍ପାଦକ କମ୍ରେଡ୍ ଶଙ୍କର ଦାଶଗୁପ୍ତ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ଯେ, ଏହି ଦେଶରେ ବିଜୟ ମାଲ୍ୟା, ନିରବ ମୋଦି ଭଳି ବଡ଼ ବଡ଼ିଆ ମାନେ ଲକ୍ଷ ଲକ୍ଷ କୋଟି ଟଙ୍କା ବ୍ୟାଙ୍କରୁ ଲୁଟି ବିଦେଶ ପଳାଉଥିବା ବେଳେ ଜିତୁ ମୁଣ୍ଡାଙ୍କ ଭଳି ସାଧାରଣ ଗରିବ ଲୋକଙ୍କୁ ନିଜର ଗଚ୍ଛିତ ଟଙ୍କା ପାଇବା ପାଇଁ ଏହି ଭଳି ହୀନସ୍ଥା ହେବାକୁ ପଡ଼େ। ଆଦିବାସୀ ଭୋଟ ହାତେଇବା ପାଇଁ ଏବଂ ଆଦିବାସୀଙ୍କୁ ପ୍ରତାରିତ କରି ସେମାନଙ୍କ ସର୍ବସ୍ୱ ଲୁଟିବା ପାଇଁ ଆଦିବାସୀ ରାଷ୍ଟ୍ରପତି ଓ ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କୁ ଗାଦିରେ ବସାଇ ଜିତୁ ମୁଣ୍ଡାଙ୍କ ଭଳି ନିରିହ ଗରିବ ଆଦିବାସୀଙ୍କୁ ଏହିଭଳି ମର୍ମାନ୍ତିକ ଲାଞ୍ଛନା ଦିଆଯାଏ। ଦେଶର ସାଧାରଣ ମଣିଷକୁ ବ୍ୟାଙ୍କ୍ ତଥା ବିଭିନ୍ନ ସରକାରୀ କାମ ପାଇଁ କିଭଳି ବିଭିନ୍ନ ଭାବରେ ହଇରାଣ ହରକତ କରାଯାଏ ଜିତୁ ମୁଣ୍ଡା ଘଟଣା ତାର ଏକ ନଗ୍ନ ନମୁନା। ସରକାର ନାନା ଡକ୍ୟୁମେଣ୍ଟ ଦାଖଲ କରିବାର ଜାଲ ଭିତରେ ଆବଦ୍ଧ କରି ସାଧାରଣ ଲୋକଙ୍କୁ ଯେଭଳି ଲୁଟୁଛନ୍ତି ସେଥିରେ କମ୍ରେଡ୍ ଦାଶଗୁପ୍ତ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ଏବଂ ଏହି ସମସ୍ୟାରୁ ଜନସାଧାରଣଙ୍କୁ ମୁକ୍ତ କରିବା ପାଇଁ ସରକାର ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି । ସେ ଆହୁରି କହିଛନ୍ତି ଯେ ଯେଉଁ ଦେଶରେ ଆଜିବି କୋଟି କୋଟି ଲୋକ ନିରକ୍ଷର ଓ ପାଠ ପଢିଥିବା ଲୋକମାନଙ୍କ ମଧ୍ୟରୁ ଏକ ବଡ ଅଂଶ ନାମକୁ ମାତ୍ର ଶିକ୍ଷିତ ସେଠାରେ ଏହି ଡକ୍ୟୁମେଣ୍ଟ ବ୍ୟବସ୍ଥାକୁ ଅତ୍ୟନ୍ତ ସରଳ କରାଯିବା ଦରକାର ଓ ସେସବୁକୁ ସରକାର ବିନା ମୂଲ୍ୟରେ ଯୋଗାଇ ଦେବା ଆବଶ୍ୟକ। ଜଣେ ବ୍ୟକ୍ତି ନିଜ ଦେଶରେ ଦୀର୍ଘ ବର୍ଷ ଧରି ବସବାସ କରୁଥିଲେ ମଧ୍ୟ ତାଙ୍କୁ ବାରମ୍ବାର ନିଜର ସ୍ଥାୟୀ ବାସିନ୍ଦା ଓ ନାଗରିକତ୍ୱ ପ୍ରମାଣ ଦେବାକୁ ବାଧ୍ୟ କରାଯିବା, ନିଜର ସଂଚିତ ଅର୍ଥ ଯେ ନିଜର ତାହା ବାରମ୍ବାର ପ୍ରମାଣ ଦେବାକୁ ପଡ଼ିବା, ବାରମ୍ବାର ଭୋଟ ଦେଲେବି ସେ ନାଗରିକ ଓ ଭୋଟର ବୋଲି ପ୍ରମାଣ ଦେବାକୁ ବାଧ୍ୟ କରାଯିବା ଅତ୍ୟନ୍ତ ଅନ୍ୟାୟ ଓ ଅଗଣତାନ୍ତ୍ରିକ ବୋଲି କମ୍ରେଡ୍ ଦାସଗୁପ୍ତା କହିଛନ୍ତି। ଘଟଣାଟି ଗଣ ମାଧ୍ୟମରେ ପ୍ରଚାରିତ ହୋଇ ଦେଶବ୍ୟାପୀ ପ୍ରତିକ୍ରିୟା ସୃଷ୍ଟି ହେବା ପରେ ସରକାର ଓ ବ୍ୟାଙ୍କ୍ କର୍ତ୍ତୃପକ୍ଷ ଯଦି ଶ୍ରୀ ମୁଣ୍ଡାଙ୍କ ଡକ୍ୟୁମେଣ୍ଟ ପ୍ରସ୍ତୁତ କରି ତାଙ୍କୁ ଟଙ୍କା ଦେଇ ପାରିଲେ ତା ହେଲେ ତା' ସେମାନେ ପୂର୍ବରୁ କାହିଁକି କରୁନଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନାଗରିକ ମାନଙ୍କ ପାଇଁ ଆବଶ୍ୟକ ସମସ୍ତ ଡକ୍ୟୁମେଣ୍ଟ ସରକାର ବିନା ମୂଲ୍ୟରେ ଜନସାଧାରଣଙ୍କୁ ଯୋଗାଇ ଦେବା ପାଇଁ ଦଳ ପକ୍ଷରୁ ଦୃଢ ଦାବି କରାଯାଇଛି ଏବଂ ଏହି ଦାବିରେ ସ୍ତରେ ସ୍ତରେ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ କମ୍ରେଡ୍ ଦାସଗୁପ୍ତ ଜନସାଧାରଣଙ୍କୁ ଆହ୍ୱାନ ଜଣାଇଛନ୍ତି।

## ସଦ୍ୟ ସମାପ୍ତ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସମ୍ପର୍କରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ ସମ୍ପାଦକ କମ୍ରେଡ୍ ଚଣ୍ଡୀଦାସ ଭଟ୍ଟାଚାର୍ଯ୍ୟଙ୍କ ବକ୍ତବ୍ୟ

ଏସୟୁସିଆଇ (କମ୍ୟୁନିଷ୍ଟ) ପଶ୍ଚିମବଙ୍ଗ ରାଜ୍ୟ ସମ୍ପାଦକ କମ୍ରେଡ୍ ଚଣ୍ଡୀଦାସ ଭଟ୍ଟାଚାର୍ଯ୍ୟ ରାଜ୍ୟ ବିଧାନସଭା ନିର୍ବାଚନ ଫଳାଫଳ ସମ୍ପର୍କରେ ମଇ ୪ତାରିଖରେ ଜାରୀ ବିବୃତିରେ କହିଛନ୍ତି ଯେ – ପ୍ରଥମେ ହିଁ ମୁଁ ନିର୍ବାଚନ ପରବର୍ତ୍ତୀ ଆକ୍ରମଣ ଓ ପାଲଟା ଆକ୍ରମଣକୁ ତୀବ୍ର ନିନ୍ଦା କରୁଛି। ଏହା ସହିତ ଏକଥା ସତ୍ୟ ଯେ, ସଂଖ୍ୟାଗରିଷ୍ଠ ଆସନରେ ବିଜେପିର ଏହି ବିଜୟ ଏଥିପାଇଁ ନୁହେଁ ଯେ, ପଶ୍ଚିମବଙ୍ଗର ଜନସାଧାରଣ ଏହି ଦଳର ରାଜନୀତି, ହିନ୍ଦୁତ୍ୱବାଦୀ ସାମ୍ପ୍ରଦାୟିକତା ଓ କାର୍ଯ୍ୟକଳାପକୁ ସମର୍ଥନ କରିଛନ୍ତି। କେନ୍ଦ୍ରରେ ଓ ବିଭିନ୍ନ ରାଜ୍ୟରେ କ୍ଷମତାସୀନ ହୋଇ ଏହି ଦଳ କିଭଳି ନାନା ଜନବିରୋଧୀ କାର୍ଯ୍ୟକଳାପ କରୁଛି ଓ ବ୍ୟାପକ ଦୁର୍ନୀତିରେ ଲିପ୍ତ ରହିବା ସଙ୍ଗେସଙ୍ଗେ ଗଣଆନ୍ଦୋଳନକୁ ନିର୍ମମ ଭାବେ ଦମନ କରୁଛି ଏବଂ ପ୍ରଶାସନକୁ ଦଳ ସପକ୍ଷରେ ନଗ୍ନ ଭାବେ ନିର୍ବାଚନରେ ବ୍ୟବହାର କରୁଛି ତାହା ପଶ୍ଚିମବଙ୍ଗର ଜନସାଧାରଣଙ୍କ ନିକଟରେ ଅଜଣା ନୁହେଁ। ତଥାପି, ୧୫ ବର୍ଷର ତୃଣମୂଳ ସରକାରଙ୍କ ଅପଶାସନ, ସିଣ୍ଡିକେଟ୍ ରାଜ୍, ଶିକ୍ଷା ଓ ସ୍ୱାସ୍ଥ୍ୟ ସମେତ ସବୁ ସ୍ତରରେ ବ୍ୟାପକ ଦୁର୍ନୀତି ଯୋଗୁଁ ଜନସାଧାରଣ କ୍ଷୁବ୍ଧ ହୋଇ ଏହି ସରକାରଙ୍କ ପରିବର୍ତ୍ତନ ଚାହିଁଛନ୍ତି। ସଂଗ୍ରାମୀ ବାମପନ୍ଥା ଆଧାରରେ ଗଢ଼ିଉଠିଥିବା କୌଣସି ବିକଳ୍ପ ଶକ୍ତି ନଥିବାର ସୁଯୋଗ ନେଇ, କେନ୍ଦ୍ରର ସରକାରୀ କ୍ଷମତାକୁ କାର୍ଯ୍ୟରେ ଲଗାଇ ଏବଂ ନିର୍ବାଚନ କମିଶନଙ୍କ ସମେତ ବିଭିନ୍ନ ସଂସ୍ଥାକୁ ବ୍ୟବହାର କରି ଲକ୍ଷ ଲକ୍ଷ ଲୋକଙ୍କ ମତାଧିକାର ଅପହରଣ କରି ବିଜେପି ରାଜ୍ୟର ଶାସନ କ୍ଷମତାକୁ ଆସିଛି। ଆମେ ଦୃଢ଼ ଭାବରେ ମନେକରୁ ଯେ, ସରକାର ପରିବର୍ତ୍ତନ ହେଲେ ମଧ୍ୟ ଜନଜୀବନର କୌଣସି ସଂକଟ ଦୂର ହେବ ନାହିଁ, ବରଂ ତାହା କ୍ରମାଗତ ଭାବେ ବଢ଼ିବାରେ ଲାଗିବ। କାରଣ ଯେଉଁ ଦଳ ହିଁ କ୍ଷମତାକୁ ଆସୁ, ସେମାନେ ପୁଞ୍ଜିବାଦର ସ୍ୱାର୍ଥରେ ଶୋଷଣ, ଲୁଣ୍ଠନ ଓ ଅତ୍ୟାଚାର ଚଳାଇବେ। ବିଜେପି, କଂଗ୍ରେସ ଓ ତୃଣମୂଳ ସମେତ ସମସ୍ତ କ୍ଷମତାସୀନ ଦଳର ଚରିତ୍ର ସମାନ। ତେଣୁ, ଆଗାମୀ ଦିନରେ ପୁଞ୍ଜିବାଦୀ ଶୋଷଣ ଉଚ୍ଛେଦର ବିପ୍ଳବୀ ଲକ୍ଷ୍ୟ ନେଇ ଏବଂ ଉନ୍ନତ ନୈତିକତା ଆଧାରରେ ଜନଜୀବନର ବିଭିନ୍ନ ଦାବିରେ ଏକ ଶକ୍ତିଶାଳୀ ତଥା ମିଳିତ ଗଣଆନ୍ଦୋଳନ ଗଢ଼ି ତୋଳିବାକୁ ହେବ। ଜନସାଧାରଣଙ୍କୁ ଆମେ ସେହି ଆନ୍ଦୋଳନରେ ସାମିଲ ହେବା ପାଇଁ ଆହ୍ୱାନ ଜଣାଉଛୁ। ଏହା ସହିତ ଫଳାଫଳ ପରବର୍ତ୍ତୀ ଯେକୌଣସି ପ୍ରକାର ହିଂସାତ୍ମକ ଘଟଣାକୁ ପ୍ରତିହତ କରିବା ପାଇଁ ନିର୍ବାଚନ କମିଶନଙ୍କ ସମେତ ସବୁ ସ୍ତରର ପ୍ରଶାସନକୁ କାର୍ଯ୍ୟକାରୀ ଭୂମିକା ଗ୍ରହଣ କରିବା ପାଇଁ ଦାବି କରୁଛୁ।

★★★

# କମ୍ପାନୀ ସ୍ୱାର୍ଥରେ ବଳପୂର୍ବକ ଜମି ଅଧିଗ୍ରହଣ ଓ ପୋଲିସ ଦମନ ବିରୁଦ୍ଧରେ ୪ଟି ବାମପନ୍ଥୀ ଦଳର ଆହ୍ୱାନରେ ରାଜ୍ୟବ୍ୟାପୀ ପ୍ରତିବାଦ ଦିବସ ପାଳିତ




ଏପ୍ରିଲ ୬ ଓ ୭ ମଧ୍ୟରାତ୍ରରେ ରାୟଗଡ଼ା ଜିଲ୍ଲା ସିଜିମାଳି ଅଂଚଳରେ ବେଦାନ୍ତ କମ୍ପାନୀ ସ୍ୱାର୍ଥରେ ରାଜ୍ୟର ଡବଲ ଇଞ୍ଜିନ୍ ବିଜେପି ସରକାରର ସଶସ୍ତ୍ର ପୋଲିସ ବାହିନୀ ବର୍ବରୋଚିତ ଭାବରେ ଆଖିବୁଜା ଲାଠିଚାଳନା ଓ ଲୁହବୁହା ଗ୍ୟାସ ପ୍ରୟୋଗ କରି ମହିଳା ଓ ବୟସ୍କ ବ୍ୟକ୍ତିଙ୍କ ସମେତ ବହୁ ନିରୀହ ଲୋକଙ୍କୁ ଗୁରୁତର ଭାବରେ ଆହତ କରିଛି। ଏହା ପୂର୍ବରୁ ସମ୍ପୃକ୍ତ ଅଂଚଳରୁ ମିଥ୍ୟା ମାମଲାରେ ପୋଲିସ ୨୧ ଜଣଙ୍କୁ ଗିରଫ କରିଛି। ଆନ୍ଦୋଳନର ନେତା ମାନଙ୍କ ସମେତ ଗର୍ଭବତୀ ମହିଳା ଓ ନାବାଳିକା ସ୍କୁଲ ଛାତ୍ରୀଙ୍କୁ ମଧ୍ୟ ଗିରଫ କରାଯାଇଛି। ସିଜିମାଳିରେ ପୋଲିସର ଏତାଦୃଶ ଦମନଲୀଳା ସାଙ୍ଗକୁ କେନ୍ଦୁଝର ଜିଲ୍ଲାର ପାଟଣା, ସୁନ୍ଦରଗଡ଼ ଜିଲ୍ଲାର ଲାଞ୍ଜିବେର୍ଣ୍ଣା ତଥା ରାଜ୍ୟର ବିଭିନ୍ନ ଅଂଚଳରେ ପୋଲିସର ଏହି ଧରଣର ଅକଥନୀୟ ଅତ୍ୟାଚାରକୁ ଏସୟୁସିଆଇ (କମ୍ୟୁନିଷ୍ଟ), ସିପିଆଇ (ଏମ୍ ଏଲ୍) ରେଡ୍ ଷ୍ଟାର, ସିପିଆଇ ( ଏମ୍ ଏଲ୍)




ଏବଂ ସିପିଆଇ (ଏମ୍ ଏଲ୍) ନିଉ ଡେମୋକ୍ରାସି ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏହା ସଙ୍ଗେସଙ୍ଗେ ଉପରୋକ୍ତ ୪ ଟି ଦଳ ପକ୍ଷରୁ ଏପ୍ରିଲ ୧୭ ତାରିଖରେ ସାରା ରାଜ୍ୟରେ ପ୍ରତିବାଦ ଦିବସ ପାଳନ କରାଯାଇଛି ଏବଂ ରାଜ୍ୟର ବିଭିନ୍ନ ଜିଲ୍ଲା, ବ୍ଲକ ଓ ତହସିଲ ଅଧିକାରୀ ଙ୍କ ଜରିଆରେ ରାଜ୍ୟପାଳଙ୍କୁ ସ୍ମାରକ ପତ୍ର ପ୍ରେରଣ କରାଯାଇଛି। ଏହା ପୂର୍ବରୁ ଗତ ଏପ୍ରିଲ ୧୩ ତାରିଖ ରେ ମଧ୍ୟ ଏହି ଚାରିଟି ଦଳର ପ୍ରତିନିଧିମାନେ ରାଜ୍ୟପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ।

ଚାରିଟି ଦଳ ପକ୍ଷରୁ ଦିଆଯାଇଥିବା ପ୍ରତିବାଦ ଡାକରାରେ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ ଠାରେ ମିଳିତ ବିକ୍ଷୋଭ ଅନୁଷ୍ଠିତ ହୋଇଛି। ବିକ୍ଷୋଭ ସ୍ଥଳରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଏସୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ଅଫିସ ସମ୍ପାଦକ କମ୍ରେଡ ସ୍ୱୟଂପ୍ରଭା ନାୟକ ସଭାପତିତ୍ୱ କରିଥିଲେ। ଏହି ସଭାରେ ଏସୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ କମିଟି ସଦସ୍ୟ କମ୍ରେଡ ପୂର୍ଣ୍ଣଚନ୍ଦ୍ର ବେହେରା, ସିପିଆଇ (ଏମ୍.ଏଲ୍) ରେଡ୍ ଷ୍ଟାରର ରାଜ୍ୟ ସମ୍ପାଦକ କମ୍ରେଡ ପ୍ରମିଳା, ରାଜ୍ୟ କମିଟି ସଦସ୍ୟ କମ୍ରେଡ ହେନା, ସିପିଆଇ (ଏମ୍ ଏଲ୍) ରାଜ୍ୟ ସମ୍ପାଦକ କମ୍ରେଡ ଶ୍ରୀକାନ୍ତ ମହାନ୍ତି, ରାଜ୍ୟ କମିଟି ସଦସ୍ୟ କମ୍ରେଡ ଜୟରାମ ଜେନା, ସିପିଆଇ (ଏମ୍ ଏଲ୍) ନିଉ ଡେମୋକ୍ରାସି ରାଜ୍ୟ କମିଟି ସଦସ୍ୟ କମ୍ରେଡ ପ୍ରତାପ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଭାସ୍ଥଳରୁ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

ପ୍ରତିବାଦ ଦିବସ ଆହ୍ୱାନକ୍ରମେ କଟକ, ଯାଜପୁର, ଭଦ୍ରକ, ବାଲେଶ୍ୱର, ବାଙ୍ଗିରିପୋଷି, ଯଶିପୁର, ଅନୁଗୁଳ, ରାଉରକେଲା, ବଲାଙ୍ଗୀର, ଡେଲାଙ୍ଗ, ସତ୍ୟବାଦୀ, ଖୋର୍ଦ୍ଧା, ପୁରୀ, ବ୍ରହ୍ମପୁର, କୋରାପୁଟ, ବୈପାରିଗୁଡା, ଗଜପତି, ଗୁଣୁପୁର, ଭଞ୍ଜନଗର, ବନ୍ଧୁଗାଁ ପ୍ରଭୃତି ସ୍ଥାନରେ ମିଳିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ଏବଂ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

## ସଠିକ୍ ଆଦର୍ଶର . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଅଧିକାଂଶ ସିପିଆଇରେ ଯୋଗ ଦେଉଥିଲେ। ଏହାଛଡା ଆରଏସପି, ଆରସିପିଆଇ, ୱାର୍କରସ ପାର୍ଟି, ବଲସେଭିକ ପାର୍ଟି ଇତ୍ୟାଦି ବାମପନ୍ଥୀ ଦଳଭାବେ ଯଥେଷ୍ଟ ଶକ୍ତିଶାଳୀ ଥିଲେ। ପୁଣି ଥିଲା ନେତାଜୀଙ୍କ ଦ୍ୱାରା ପ୍ରତିଷ୍ଠିତ ଫରୱାର୍ଡ ବ୍ଲକ୍। କଂଗ୍ରେସ ସୋସାଲିଷ୍ଟ ପାର୍ଟି, ପ୍ରଜା ସୋସାଲିଷ୍ଟ ପାର୍ଟି, ସଂଯୁକ୍ତ ସୋସାଲିଷ୍ଟ ପାର୍ଟି ତଥା ବୃହତ ଦଳ କଂଗ୍ରେସ। ଏହିସବୁ ପାର୍ଟି ମାନଙ୍କ ପଛରେ ସବୁକିଛି ଥିଲା, ଏମାନେ ଥିଲେ ପ୍ରତିଷ୍ଠିତ ପାର୍ଟି। ମାତ୍ର କମ୍ରେଡ୍ ଶିବଦାସ ଘୋଷ ସେହି କେତେଜଣ ସହଯୋଦ୍ଧାଙ୍କୁ ନେଇ ଏକ ସଠିକ ଲେନିନୀୟ ମଡେଲର କମ୍ୟୁନିଷ୍ଟ ପାର୍ଟି ଗଢିବାର ପ୍ରଚେଷ୍ଟା ଆରମ୍ଭ କଲେ। କ'ଣ ଥିଲା? ଆକ୍ଷରିକ ଅର୍ଥରେ କିଛି ନ ଥିଲା। ଥିଲା ଖାଲି ସଠିକ ଆଦର୍ଶ ଓ ସ୍ୱପ୍ନ। କେଉଁଠି ରହିବାକୁ ହେବ, ଖାଇବାକୁ ମିଳିବ କି ନାହିଁ, କିଛି ଠିକଣା ନଥିଲା। ଉତ୍ସାହ ଦେବାର ଲୋକ ଖୋଜି ପାଇବା କଷ୍ଟ। କିନ୍ତୁ ନିରୁତ୍ସାହିତ କରିବା ଲୋକଙ୍କର ଅଭାବ ନଥିଲା। କେତେ ବ୍ୟଙ୍ଗ ବିଦ୍ରୁପ ସାମ୍ନା କରିବାକୁ ପଡିଛି। ହିତାକାଂକ୍ଷୀମାନେ କହୁଥିଲେ, ବୃଥା ସମୟ ନଷ୍ଟ। କମ୍ରେଡ୍ ଶିବଦାସ ଘୋଷ ଏହାର କିଛି ଜବାବ ଦେଇ ନାହାନ୍ତି। ନିରବରେ ନିଜର ଦାୟିତ୍ୱ ପାଳନ କରିଯାଇଛନ୍ତି। ଆଉ କହିଛନ୍ତି, ଜୀବନରେ ଯାହା ସତ୍ୟ ବୋଲି ମନେ କରିଛି, ସେହି ସତ୍ୟ ରାସ୍ତାରେ ହିଁ ଚାଲିବି। ମିଥ୍ୟା ପଥରେ ଯିବି ନାହିଁ। ପୁଞ୍ଜିବାଦର ଗୋଲାମୀ କରିବି ନାହିଁ। ଆତ୍ମମର୍ଯ୍ୟାଦା ଜୀବନର ଶ୍ରେଷ୍ଠ ସଂପଦ। ଜୀବନ ଚାଲିଗଲେ ବି ଆତ୍ମମର୍ଯ୍ୟାଦା ବିସର୍ଜନ ଦେବି ନାହିଁ। ବିପ୍ଲବୀମାନେ ଜାଣନ୍ତି, ଆତ୍ମମର୍ଯ୍ୟାଦା ଓ ଅହଂକାର ମଧ୍ୟରେ ପାର୍ଥକ୍ୟ କ'ଣ ? ଆତ୍ମମର୍ଯ୍ୟାଦା ସତ୍ୟ ପଥରେ ଚାଲିବାକୁ ଶିଖାଏ, ଆଉ ସମାଜରେ ସତ୍ୟର ପ୍ରତିଷ୍ଠା କରେ। ସେହି ଆତ୍ମମର୍ଯ୍ୟାଦାପୂର୍ଣ୍ଣ ଜୀବନ ଗ୍ରହଣ କରି, ମାର୍କ୍ସବାଦ-ଲେନିନବାଦର ଶିକ୍ଷା ଓ ସଂସ୍କୃତିର ଭିତ୍ତିରେ ସେ ସେହି ଭୀଷଣ ପ୍ରତିକୂଳ ପରିସ୍ଥିତିରେ ଏସୟୁସିଆଇ(କମ୍ୟୁନିଷ୍ଟ) ପାର୍ଟି ଗଠନର ଐତିହାସିକ ଦାୟିତ୍ୱ ଗ୍ରହଣ କରି ଯାତ୍ରା ଆରମ୍ଭ କଲେ। ସେ ବୁଝିଥିଲେ, ଆଜି ହୁଏତ ଗୋଟେ ପାର୍ଟି ଖୁବ୍ ଶକ୍ତିଶାଳୀ, ସରକାରୀ କ୍ଷମତାରେ ଅଛି। କିନ୍ତୁ ଯଦି ସେହି ପାର୍ଟିର ଆଦର୍ଶଗତ, ରାଜନୈତିକ ଓ ସାଂସ୍କୃତିକ ଲାଇନ ସଠିକ ନଥାଏ, ତା'ହେଲେ ଭବିଷ୍ୟତରେ ସେହି ପାର୍ଟିର ଶକ୍ତି ରହିବ ନାହିଁ। ଆଉ ଗୋଟିଏ ପାର୍ଟି ଯଦି ବା ଆଜି ଛୋଟ, ଶକ୍ତି କମ୍ କିନ୍ତୁ ତା'ର ରାଜନୈତିକ ଲାଇନ୍ ସଠିକ ଅଛି, ତେବେ ଦିନେ ସେହି ପାର୍ଟି ବଡ ହେବ, ଶକ୍ତିଶାଳୀ ହେବ, ବିପ୍ଳବ ସଂଗଠିତ କରିବ। ଏହା ହିଁ ସମସ୍ତ ମାର୍କ୍ସବାଦୀ ଅଥରିଟିମାନଙ୍କର ଶିକ୍ଷା। ସେହି ଶିକ୍ଷାର ଭିତ୍ତିରେ ମାର୍କ୍ସବାଦର ବିଚାରଧାରାକୁ ଗ୍ରହଣ କରି କୌଣସି ଏକ ବିଶେଷ ଦେଶର ବିଶେଷ ରାଜନୈତିକ, ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ପୃଷ୍ଠଭୂମିରେ ସେହି ଦେଶର ଜନଗଣଙ୍କର ମନସ୍ତତ୍ତ୍ୱକୁ ବିଚାରକୁ ନେଇ ବିପ୍ଳବର ଆହୁରି ଉନ୍ନତତର ଓ ଗଭୀରତର ଉପଲବ୍ଧି ଭିତ୍ତିରେ ବିପ୍ଳବୀ ଆନ୍ଦୋଳନକୁ ପରିଚାଳନା କଲେ, ସେହି ପାର୍ଟି ନିଶ୍ଚୟ ଶକ୍ତି ଅର୍ଜନ କରିବ, ଆଗେଇ ଚାଲିବ। କମ୍ରେଡ୍ ଶିବଦାସ ଘୋଷ ଏହି କଥାଟି ଏ ଦେଶର ଜନଗଣ ତଥା ପାର୍ଟି କର୍ମୀ ନେତାମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଛନ୍ତି। ଆଜିର ବାସ୍ତବତା ସେହି ସତ୍ୟକୁ ପ୍ରମାଣିତ କରୁଛି। ଦିନେ କେତେ ବଡ ବଡ ପାର୍ଟି ସବୁ ଥିଲେ। ସେମାନଙ୍କର ବହୁ ପ୍ରତିଷ୍ଠିତ ବଡ ବଡ ନେତା ମଧ୍ୟ ଥିଲେ, ନିର୍ବାଚନରେ ଜୟଲାଭ ବି କରିଥିଲେ। ସରକାର ବି ଗଢିଥିଲେ। ଆଜି କାହାନ୍ତି ସେମାନେ? ବିଲୁପ୍ତ। ଦିନେ ଏହି ଓଡିଶାରେ ୧୯୬୭ ମସିହାରେ ସ୍ୱତନ୍ତ୍ର ପାର୍ଟି ଓ ଜନ କଂଗ୍ରେସର ମିଳିତ ସରକାର ଥିଲା। ଆଜି ସେମାନେ କାହାନ୍ତି ? ସର୍ବଭାରତୀୟ ସ୍ତରରେ ପିଏସପି(ପ୍ରଜା ସୋସାଲିଷ୍ଟ ପାର୍ଟି) ଥିଲା। ୧୯୬୭ ମସିହାରେ ସ୍ୱତନ୍ତ୍ର ପାର୍ଟି, ଜନ କଂଗ୍ରେସ, ପିଏସପି ମିଳିତ ଭାବେ ୧୨୭ ବିଧାନସଭା ଆସନ ମଧ୍ୟରୁ ୯୦ ବିଧାୟକ ଜିତିଥିଲେ। ମାତ୍ର ଏହି ପାର୍ଟିମାନଙ୍କର ଆଜି ଅସ୍ତିତ୍ୱ ନାହିଁ। ଦୁଃଖଦାୟକ ହେଲେ ବି ଏହା ସତ୍ୟ, ଏକଦା ବହୁ ସତତା ନିଷ୍ଠା ନେଇ କେତେ ନେତା କର୍ମୀ ସିପିଆଇ ପାର୍ଟି ଗଠନ କରିଥିଲେ ଓ ଏଥିରେ ସାମିଲ ହୋଇଥିଲେ। ଆଜି ସେହି ପାର୍ଟି ପ୍ରଥମେ ବିଭାଜିତ ହୋଇ ସିପିଆଇ(ଏମ୍)ରେ ପୁଣି ବିଭାଜିତ ହୋଇ ସିପିଆଇ(ଏମ୍ଏଲ୍) ପୁଣି ଏହି ବିଭାଜନ ପ୍ରକ୍ରିୟାରେ ଆହୁରି ବିଭାଜିତ ହୋଇଛି। ବହୁ କମ୍ୟୁନିଷ୍ଟ ନାମଧାରୀ ପାର୍ଟି ମଧ୍ୟ ଅସ୍ତିତ୍ୱ ହରାଇଛନ୍ତି। ଏହି ପାର୍ଟି ସହ ଜଡିତ ଅନେକେ ଆଜି ହତାଶ, ନିଷ୍କ୍ରିୟ। କାରଣ, ସେମାନେ ବୁଝିପାରି ନାହାନ୍ତି ଯେ ସେମାନଙ୍କର ରାସ୍ତା ସଠିକ ନଥିଲା। ଏହାରି ପରିଣତିରେ ହିଁ ବିପର୍ଯ୍ୟୟ ଆସିଛି। ମାତ୍ର ୭୮ବର୍ଷ ଧରି ଏସୟୁସିଆଇ(କମ୍ୟୁନିଷ୍ଟ) ନିଜର ଅସ୍ତିତ୍ୱ ଖାଲି ରକ୍ଷା କରିଛି ତା' ନୁହେଁ, କ୍ରମଶଃ ଶକ୍ତିଶାଳୀ ହେଉଛି। ଆଜି ତା'ର ପ୍ରତିଷ୍ଠା ଦିବସ ଓଡିଶା ସମେତ ୨୫ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳରେ ମର୍ଯ୍ୟାଦାର ସହ ପାଳିତ ହେଉଛି। କିଭଳି ସମ୍ଭବ ହେଲା ? ଏହି ପାର୍ଟିର କୌଣସି ଏମ୍ଏଲ୍ଏ, ଏମ୍ପି ନାହିଁ, ପ୍ରଶାସନିକ ବ୍ୟାକିଂ ନାହିଁ, କୌଣସି ପ୍ରକାର ମିଡିଆ ପ୍ରଚାର ନାହିଁ, ନେତାଙ୍କର ବିଜ୍ଞାପନ ବା କଟ୍ଆଉଟ ନାହିଁ। ତଥାପି ଏହି ପାର୍ଟି ସର୍ବଭାରତୀୟ ସ୍ତରରେ ଏକ ଶକ୍ତିଶାଳୀ ବିପ୍ଳବୀ କମ୍ୟୁନିଷ୍ଟ ପାର୍ଟି ଭାବେ କିଭଳି ପ୍ରତିଷ୍ଠିତ ହୋଇ ପାରିଲା? କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତା ଶିକ୍ଷା ଦ୍ୱାରା ହିଁ ସମ୍ଭବ ହୋଇପାରିଲା। କେତେ କର୍ମୀ ନେତାଙ୍କ କଠିନ କଠୋର ସଂଗ୍ରାମ, ଶହୀଦତ୍ୱ, ସାଧାରଣ ଜନତା, ପାର୍ଟି ସମର୍ଥକ ଦରଦୀ ମାନଙ୍କ ଆର୍ଥିକ ଓ ଅନ୍ୟାନ୍ୟ ସହଯୋଗ ଏହି ପାର୍ଟିର ବଡ ହେବା ପଛରେ ରହିଛି। ଏହି ଓଡିଶାରେ ଆଦିବାସୀ ଓ ଅନ୍ୟାନ୍ୟ ଶୋଷିତ ମଣିଷର ଗଣ ଆନ୍ଦୋଳନରେ କମ୍ରେଡ୍ ଦୁର୍ଗା ହେମ୍ବ୍ରମ୍ ଶହୀଦ ହୋଇଛନ୍ତି। ସଂପ୍ରତି ତାଙ୍କର ଏକ ଆବକ୍ଷ ପ୍ରତିମୂର୍ତ୍ତୀ ଉନ୍ମୋଚିତ ହୋଇଛି। ରାଉରକେଲାର ଜଣେ ରିକ୍ସା ଚାଳକ, ପାର୍ଟିର ଜଣେ ବିଶ୍ୱସ୍ତ କର୍ମୀ କମ୍ରେଡ୍ ଆମିଜନୁଲ୍ଲା ଖାଁ ପୋଲିସ ଗୁଳିରେ ଜୀବନ ଦେଇଛନ୍ତି। ଏହିଭଳି ଅନେକ ଦୃଷ୍ଟାନ୍ତ ଅଛି। ଏହି ସଂଗ୍ରାମ ଜାରୀ ରହିଛି।

ତେବେ ଆତ୍ମ ସନ୍ତୁଷ୍ଟିର କାରଣ ନାହିଁ। ଆହୁରି ବହୁ ଦୀର୍ଘ ପଥ ଅତିକ୍ରମ କରିବାକୁ ହେବ।

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

## ସଠିକ୍ ଆଦର୍ଶର . . .

(୫ମ ପୃଷ୍ଠାର ଅବଶିଷ୍ଟାଂଶ)

ଏହି ୨୪ ଏପ୍ରିଲ, ପ୍ରତିଷ୍ଠା ଦିବସରେ ଅତୀତର ସେହି ସଂଗ୍ରାମୀ ସାଥୀମାନଙ୍କୁ ମନେପକାଇବା ସହିତ ସେମାନଙ୍କ ଅପୂରିତ କାମ ପୂରଣ କରିବାର ସଂକଳ୍ପ ନେବାର ଦିବସ। ପଚାଶ ଦଶକରେ ଏ ରାଜ୍ୟରେ ପାର୍ଟି ପ୍ରତିଷ୍ଠା ପାଇଁ ବହୁ ପ୍ରଚେଷ୍ଟା ହୋଇଛି। ତେବେ କମ୍ରେଡ୍ ଶିବଦାସ ଘୋଷଙ୍କ ପ୍ରତ୍ୟକ୍ଷ ମାର୍ଗ ଦର୍ଶନରେ କମ୍ରେଡ୍ ତାପସ ଦତ୍ତଙ୍କ ନେତୃତ୍ୱରେ ସଂଗଠିତ ଭାବେ ପାର୍ଟି ଗଢିବାର ପ୍ରକ୍ରିୟା ସେହି ୫୦ ଦଶକର ଶେଷ ଭାଗରେ ଆରମ୍ଭ ହୁଏ। ତାଙ୍କର ସହଯୋଦ୍ଧା ମାନଙ୍କ ମଧ୍ୟରୁ ଅନେକ ନାହାନ୍ତି। ଅଳ୍ପ କେତେଜଣ ଆଜି ମଂଚରେ ଉପସ୍ଥିତ ଅଛନ୍ତି। ସେହି ସଂଗ୍ରାମମୟ ଦିନଗୁଡିକ ସଂପର୍କରେ ପ୍ରତ୍ୟକ୍ଷ ଭାବେ ପରବର୍ତ୍ତୀ ପିଢି ଜାଣି ନାହାନ୍ତି। ସଭାରେ ଯାହାଙ୍କ ସ୍ମୃତିରେ ଏକ ମିନିଟ ନିରବତା ପାଳନ କରାଗଲା, ୬୦ବର୍ଷ ଧରି ସଂଗ୍ରାମ କରିଥିବା ସେହିଭଳି ଜଣେ ତାଙ୍କର ସହଯୋଦ୍ଧା କମ୍ରେଡ୍ ସତ୍ୟପ୍ରିୟ ମହାନ୍ତିଙ୍କର ସଂପ୍ରତି ରାଉରକେଲାରେ ଦୁଃଖଦ ମୃତ୍ୟୁ ଘଟିଛି। ତେବେ ପାର୍ଟିର ଏହି ଶକ୍ତିର ଉତ୍ସ କ'ଣ? ମାର୍କ୍ସବାଦୀ-ଲେନିନବାଦୀ ଆଦର୍ଶ ଓ ଏହାର ଉନ୍ନତ ସଂସ୍କୃତି। ଏହି ଆଦର୍ଶ ଓ ସଂସ୍କୃତିର ନିରଳସ ଚର୍ଚ୍ଚା ଓ ଜୀବନରେ ପ୍ରୟୋଗ ଅବହେଳିତ ହେଲେ ନିଶ୍ଚିତଭାବେ ପାର୍ଟି ଦୁର୍ବଳ ହେବ। ଏହି ଆଦର୍ଶଗତ ଚର୍ଚ୍ଚା କେବଳ ବହି ପଢିବା ନୁହେଁ। ଏହାର ଅନ୍ତର୍ନିହିତ ସାରମର୍ମ ଓ ଉଚ୍ଚ ସଂସ୍କୃତି ବହନ କରିବା ଆମର ପ୍ରଧାନ ଶକ୍ତି। ଏହାକୁ କୌଣସିଭାବେ ଦୁର୍ବଳ ବା ନ୍ୟୂନ କରାଯାଇ ପାରେନା। ଏହି ଆଦର୍ଶଗତ ଚର୍ଚ୍ଚାର ଆଉ ଏକ ଦିଗ ହେଲା ମାର୍କ୍ସବାଦୀ- ଲେନିନବାଦୀ ବିଚାର ପଦ୍ଧତିକୁ ପ୍ରୟୋଗ କରିବାର କ୍ଷମତା ଅର୍ଜନ କରିବା। ଏହି ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଟିକୁ ବାଦ ଦେଇ ପାର୍ଟିର ସଂଖ୍ୟାଗତ ଅଭିବୃଦ୍ଧି ଘଟିଲେ ବି ପାର୍ଟି ତା'ର ଆକାଂକ୍ଷିତ ଲକ୍ଷ୍ୟ ହାସଲ କରିପାରି ନାହିଁ। ମହାନ ଷ୍ଟାଲିନ ୧୯୫୨ ମସିହାରେ ତାଙ୍କର ମୃତ୍ୟୁର କିଛି ମାସ ପୂର୍ବରୁ ଏ ସଂକ୍ରାନ୍ତରେ ମୂଲ୍ୟବାନ ଓ ଶିକ୍ଷଣୀୟ ଦିଗନିର୍ଦ୍ଦେଶ ଓ ଚେତାବନୀ ଦେଇ ଯାଇଛନ୍ତି।

ମହାନ ମାର୍କ୍ସ, ଏଙ୍ଗେଲ୍ସ, ଲେନିନ, ଷ୍ଟାଲିନ, ମାଓ-ସେତୁଂ, କମ୍ରେଡ ଶିବଦାସ ଘୋଷ ସମସ୍ତେ ହିଁ ଶିକ୍ଷା ଦେଇଛନ୍ତି, କମ୍ୟୁନିଷ୍ଟ ହେବାର ସଂଗ୍ରାମ ହେଉଛି ସଚେତନ ନିରଳସ ସଂଗ୍ରାମ। ଏହା ସ୍ୱତଃସ୍ଫୁର୍ତ୍ତ ନୁହେଁ। ପ୍ରତିଷ୍ଠା ଦିବସରେ ସମସ୍ତଙ୍କୁ ଏହି ସଂଗ୍ରାମ ନିଜ ନିଜ ଭିତରେ ପ୍ରତିନିୟତ ଚଳାଇ ରଖିବା ମଧ୍ୟ ଦେଇ ନିଜକୁ ଯୋଗ୍ୟ ଦାୟିତ୍ୱବାନ ବିପ୍ଳବୀ ଭାବେ ଗଢି ତୋଳିବାର ସଂକଳ୍ପ ନେବାକୁ ହେବ। ଯେଉଁମାନେ ଏହି ସଂଗ୍ରାମରେ ଆଗେଇବେ ସେମାନେ ହିଁ ବିପ୍ଳବର ଉତ୍ତରୋତ୍ତର ଦାୟିତ୍ୱ ନିର୍ବାହ କରିବେ। .....

ବର୍ତ୍ତମାନର ଅବକ୍ଷୟୀ ପୁଞ୍ଜିବାଦ ଜୀବନର ସର୍ବଦିଗରେ ଭୟାବହ ସଂକଟ ଡାକି ଆଣିଛି। ଏହି ପରିସ୍ଥିତିରେ ଜନଗଣଙ୍କ ମଧ୍ୟରେ ରହିବା, ସେମାନଙ୍କ ଭାଷାରେ ସେମାନଙ୍କୁ ବୁଝାଇବା, ସେମାନଙ୍କ ମଧ୍ୟକୁ ବିପ୍ଳବୀ ଚେତନା ନେଇଯିବା, ଆନ୍ଦୋଳନର ସଂଗ୍ରାମ କମିଟି, ମାସ ପକେଟ, ମାସ ବେସ ତିଆରି କରିବା ହେଉଛି ବିପ୍ଳବର ଅବଶ୍ୟ ପ୍ରୟୋଜନୀୟ ପୂର୍ବ ସର୍ତ୍ତ। ଧାରାବାହିକ ଆନ୍ଦୋଳନ ମଧ୍ୟ ଦେଇ ଧାରାବାହିକ ପ୍ରଚେଷ୍ଟା ଜାରୀ ରଖିବାକୁ ହେବ। ଏହି ଆନ୍ଦୋଳନ ମଧ୍ୟରେ ହିଁ ଶୋଷିତ ଶ୍ରେଣୀ ମଧ୍ୟରେ ଶ୍ରେଣୀ ଚେତନାବୋଧ ଓ ସେମାନଙ୍କ ଭିତରେ ରାଜନୈତିକ ଶକ୍ତି ଗଢିତୋଳିବା ଏବଂ ଏହା ଭିତର ଦେଇ ସଠିକ ବିପ୍ଳବୀ ପାର୍ଟି ସହିତ ସେମାନଙ୍କୁ ପରିଚିତ ଓ ଘନିଷ୍ଠ କରାଇବା ହେବ ସମସ୍ତ ଗଣ ଆନ୍ଦୋଳନର ମୂଳ ଲକ୍ଷ୍ୟ। ବର୍ତ୍ତମାନ ପରିସ୍ଥିତି ବହୁ ଐତିହାସିକ ଓ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପାଳନ କରିବାକୁ ଆହ୍ୱାନ ଦେଉଛି। ଏହି ଆହ୍ୱାନକୁ ଗ୍ରହଣ କରିବାକୁ ହେବ। ଭାରତବର୍ଷର ବୁର୍ଜୁଆଶ୍ରେଣୀ ତା'ର ଶେଷ ରକ୍ଷା କବଚ ଫାସିବାଦ ଗଢିତୋଳିବାର ପ୍ରଚେଷ୍ଟା ଜାରୀ ରଖିଛି। ଏ ସଂପର୍କରେ କମ୍ରେଡ୍ ଶିବଦାସ ଘୋଷଙ୍କ ମୂଲ୍ୟବାନ ଶିକ୍ଷାର ଗଭୀର ଅନୁଶୀଳନ କରିବା ଦରକାର। ଆଜି ବାମପନ୍ଥୀ ଓ ଗଣତାନ୍ତ୍ରିକ ଶକ୍ତିର ଐକ୍ୟ ଅତୀବ ପ୍ରୟୋଜନ। ସେହିମାନେ ହିଁ ବାମପନ୍ଥୀ ଯେଉଁମାନେ କଥାରେ ହେଲେ ବି ମାର୍କ୍ସବାଦ-ଲେନିନବାଦର କଥା, ଶ୍ରେଣୀ ସଂଗ୍ରାମର କଥା କୁହନ୍ତି। କେବଳ ବିଜେପି ବା ପ୍ରଧାନମନ୍ତ୍ରୀ ମୋଦି ବିରୋଧୀତା କଲେ ହିଁ କେହି ଧର୍ମନିରପେକ୍ଷ ଓ ଗଣତାନ୍ତ୍ରିକ ଶକ୍ତି ହୋଇଯିବେ ନାହିଁ। ପ୍ରକୃତରେ ସେହିମାନେ ହିଁ ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତି ଯେଉଁମାନେ ନୀତିଗତ ଭାବେ ସାମ୍ରାଜ୍ୟବାଦ ଓ ଧର୍ମ ଜାତି ଭାଷା, ଅଂଚଳଗତ ସମସ୍ତ ସାଂପ୍ରଦାୟିକ ଚିନ୍ତାର ବିରୋଧୀ ଓ କମ୍ୟୁନିଜିମ ଆଦର୍ଶ ସହିତ ମତପାର୍ଥକ୍ୟ ଥିଲେବି କମ୍ୟୁନିଜିମ ବିଦ୍ୱେଷୀ ନୁହନ୍ତି। ଏହି ବିଚାରରେ କଂଗ୍ରେସ, ବିଜେପି ଭଳି ଦଳମାନଙ୍କୁ ଗଣତାନ୍ତ୍ରିକ ଧର୍ମନିରପେକ୍ଷ ଦଳ ଭାବେ ଗ୍ରହଣ କରାଯାଇପାରେନା। ମାତ୍ର ଦୁଃଖର ବିଷୟ ସିପିଏମ୍, ସିପିଆଇ ଏହି ଦଳମାନଙ୍କୁ ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଦଳ ଭାବେ କହି ଜନସାଧାରଣଙ୍କୁ ଭୁଲ ଶିକ୍ଷା ଦେବା ସହିତ ଭ୍ରମିତ କରୁଛନ୍ତି ଓ ବାମପନ୍ଥୀ ଗଣତାନ୍ତ୍ରିକ ଐକ୍ୟ ଓ ଆନ୍ଦୋଳନ ରାସ୍ତାରେ ବାଧା ସୃଷ୍ଟି କରୁଛନ୍ତି। ଏକଥା ଏହିସବୁ ଦଳମାନଙ୍କ କର୍ମୀ ନେତାମାନେ ବୁଝିବା ଦରକାର। ଏହି ମିଳିତ ବାମପନ୍ଥୀ ଆନ୍ଦୋଳନର ବିକଳ୍ପ କେବେବି ବିକଳ୍ପ ସଂସଦୀୟ ରାଜନୀତି ନୁହେଁ, ଶକ୍ତିଶାଳୀ ଗଣଆନ୍ଦୋଳନର ବିକଳ୍ପ ଗଢିତୋଳିବା ହିଁ ଏହାର ଉଦ୍ଦେଶ୍ୟ। ଏହି ଆନ୍ଦୋଳନ ଜରିଆରେ ହିଁ ଦାବି ହାସଲ ହୋଇପାରିବ, ଭୋଟ ଜରିଆରେ ନୁହେଁ। XXX ଏହି ସଂକଳ୍ପ ନେଇ ଦେଶ ତଥା ରାଜ୍ୟରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)କୁ ଶକ୍ତିଶାଳୀ କରି ଗଢିତୋଳିବା ପାଇଁ ପାର୍ଟିର ରାଜ୍ୟ ସଂପାଦକ ତଥା କେନ୍ଦ୍ରୀୟ କମିଟି ସଭ୍ୟ କମ୍ରେଡ୍ ଶଙ୍କର ଦାସଗୁପ୍ତ ତାଙ୍କର ବକ୍ତବ୍ୟରେ ଉପସ୍ଥିତ ଶ୍ରୋତାମଣ୍ଡଳୀକୁ ଆହ୍ୱାନ ଦେଇଥିଲେ।

ମୁଖ୍ୟବକ୍ତା, ପାର୍ଟିର କେନ୍ଦ୍ରୀୟ କମିଟି ସଭ୍ୟ କମ୍ରେଡ୍ ଦ୍ୱାରିକାନାଥ ରଥ କହିଥିଲେ, "ପରାଧୀନ ଭାରତବର୍ଷରେ ସ୍ୱାଧୀନତା ଆନ୍ଦୋଳନର ଜଣେ ଯୋଦ୍ଧାଭାବେ କାରାବରଣ କରି ସ୍ୱାଧୀନତାର ସେହି ପ୍ରାକ କାଳରେ ଜେଲ ଭିତରେ କମ୍ରେଡ୍ ଶିବଦାସ ଘୋଷ ଭାବୁଥିଲେ, ସ୍ୱାଧୀନତା ପାଇଁ ଯେଉଁମାନେ ଏତେ ପ୍ରାଣବଳୀ ଦେଲେ, ଅଶେଷ ତ୍ୟାଗ, ଲାଞ୍ଛନାକୁ ହସି ହସି ବରଣ କଲେ, ସେମାନଙ୍କର ସ୍ୱପ୍ନ କ'ଣ ପୂରଣ ହେବ? ସ୍ୱାଧୀନତାର ସମସ୍ତ ଫଳ ଏ ଦେଶର ଶୋଷିତ ମଣିଷ ନୁହେଁ, ଶୋଷକ ପୁଞ୍ଜିପତି ଶ୍ରେଣୀ ହିଁ ଆତ୍ମସାତ କରିବ। ଶୋଷିତ ମଣିଷର ମୁକ୍ତି ପାଇଁ ଆଉ ଏକ ବିପ୍ଳବ ଦରକାର। କିନ୍ତୁ ଦେଶରେ ପ୍ରକୃତ ବିପ୍ଳବୀ ପାର୍ଟି ନାହିଁ। ସେହି ପାର୍ଟି ହିଁ ଯେତେ କଷ୍ଟ ହେଉପଛେ ଗଢିତୋଳିବାକୁ ହେବ। ୧୯୪୮ ମସିହା, ସ୍ୱାଧୀନତାକୁ ଏକ ବର୍ଷ ପୁରି ନାହିଁ। ସେହି ବାସ୍ତବ ସତ୍ୟ ଫୁଟି ଉଠିଲା। ଆଜି ଦେଶର ପରିସ୍ଥିତି କ'ଣ? ଏ ରାଜ୍ୟର ପରିସ୍ଥିତି କ'ଣ? ଓଡିଶାରେ ବିଜେପି ସରକାରର ଦୁଇବର୍ଷ ଭିତରେ ୫୩ଟି ଦଙ୍ଗା ହେଲାଣି। ଏସ୍‌ଆଇଆର୍ ଯୋଗୁ ପଶ୍ଚିମବଙ୍ଗରେ ୯୦ ଲକ୍ଷ ଲୋକଙ୍କ ଭୋଟ କଟିଛି। ଓଡିଶାରେ ମ୍ୟାପିଂ ପ୍ରକ୍ରିୟାରେ ୯ଲକ୍ଷ ୮୦ହଜାର ଲୋକଙ୍କ ବାହାର ହୋଇଯାଇଛନ୍ତି। ଓଡିଶାର ଲକ୍ଷ ଲକ୍ଷ ଲୋକ ପ୍ରବାସୀ ଶ୍ରମିକ, ଦାଦନ ହୋଇ ସେହି ଲଦାଖରୁ କେରଳ ଯାଏ ଘୁରି ବୁଲୁଛନ୍ତି। କେବଳ ଗୁଜୁରାଟର ସୁରଟରେ ୯ରୁ ୧୨ ଲକ୍ଷ ଲୋକ ଅଛନ୍ତି। ଏଠି ତ ଆଦିବାସୀ ମୁଖ୍ୟମନ୍ତ୍ରୀ, ଏହି ରାଜ୍ୟର ଆଦିବାସୀ ମହିଳା ରାଷ୍ଟ୍ରପତି, ଏହାକୁ ନେଇ କେତେ ତୁମ୍ବିତୋଫାନ ଚାଲିଛି। ତେବେ ଆଦିବାସୀମାନଙ୍କର କରୁଣ ଅବସ୍ଥା କ'ଣ ବଦଳିଛି? ସବୁଠି ତ କମ୍ପାନୀ ସ୍ୱାର୍ଥରେ ଆଦିବାସୀମାନଙ୍କର ରକ୍ତ ଝରୁଛି। କମ୍ପାନୀ ଖଣି ଖାଦାନ, ଚାଷ ଜମି, ପ୍ରାକୃତିକ ସଂପଦ ସବୁ ଲୁଟ୍ କରୁଛି। ନିଯୁକ୍ତି କାହିଁ? କେନ୍ଦ୍ରର ବିଜେପି ସରକାର କହୁଛନ୍ତି, ଦେଶରେ ଯୁବକମାନଙ୍କୁ ପକୁଡି ଛାଣିବା ଭଳି କାମର ସୁଯୋଗ ଦେଇ ୩୨ କୋଟି ନିଯୁକ୍ତି ଦେଇଛନ୍ତି। କି ହାସ୍ୟାସ୍ପଦ ଯୁକ୍ତି! ନଏଡା ହେଉ ବା ସୁରଟ, ଯେଉଁଠି ଶ୍ରମିକମାନେ ସେମାନଙ୍କର ଦାବି ନେଇ ଲଢୁଛନ୍ତି, ସେଠି ପୁଞ୍ଜିବାଦୀ ରାଷ୍ଟ୍ର ଶକ୍ତି ସେମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରୁଛି। ସାମ୍ରାଜ୍ୟବାଦୀ ଆମେରିକା ତା'ର ସଖୀ କଣ୍ଢେଇ ଇସ୍ରାଏଲ୍‌ର ଇରାନ ବିରୁଦ୍ଧରେ ଚାଲିଥିବା ଅନ୍ୟାୟ ଓ ଏକତରଫା ଯୁଦ୍ଧରେ ସମଗ୍ର ବିଶ୍ୱ ପ୍ରଭାବିତ ଓ ଆତଙ୍କିତ। ଲାଟିନ ଆମେରିକା ହେଉ ବା ମଧ୍ୟପ୍ରାଚ୍ୟ, ସବୁଠି ଘୃଣିତ, ନିନ୍ଦିତ ଡୋନାଲ୍ଡ ଟ୍ରମ୍ପ ନରେନ୍ଦ୍ର ମୋଦିଙ୍କ ଜିଗିରୀ ଦୋସ୍ତ। ଏହା ବିରୁଦ୍ଧରେ ତ ଶକ୍ତିଶାଳୀ ଆୱାଜ ଉଠାଇବାକୁ ପଡିବ। ସମଗ୍ର ୟୁରୋପ ଓ ଆମେରିକାରେ ଆଜି ପ୍ରତିବାଦର ଝଡ। ଦିନେ ଯୁଦ୍ଧ ବିରୁଦ୍ଧରେ କବିଗୁରୁ ରବୀନ୍ଦ୍ରନାଥ, ମହାନ ବିଜ୍ଞାନୀ ଓ ମନିଷୀ ଆଇନଷ୍ଟାଇନ୍, ବଟ୍ରାଣ୍ଡ ରସେଲଙ୍କ ଭଳି କେତେ ମନିଷୀଙ୍କ ଶାଣିତ ସ୍ୱର ଗର୍ଜି ଉଠିଥିଲା। ସେଦିନ ସମାଜବାଦୀ ସୋଭିଏତ୍ ଋଷ, ବିଶ୍ୱ ସମାଜତାନ୍ତ୍ରିକ ଶିବିର, ମହାନ ଷ୍ଟାଲିନଙ୍କ ନେତୃତ୍ୱ ବିଶ୍ୱ ଶାନ୍ତିର ଜାଗ୍ରତ ପ୍ରହରୀଭାବେ କାମ କରୁଥିଲା। ଆଜି ଏସବୁର ଅନୁପସ୍ଥିତି ସାମ୍ରାଜ୍ୟବାଦୀ ଆକ୍ରମଣକୁ ବେଲଗାମ କରିଦେଇଛି। ତଥାପି ଯୁଦ୍ଧ ବିରୋଧୀ ଆନ୍ଦୋଳନ ତେଜୁଛି। ଏହାର ସଠିକ ରାସ୍ତା ଦେଖାଇବାକୁ ହେବ। ଯୁଦ୍ଧ ହୁଏ ବଜାର ଦଖଲ ପାଇଁ। ଶାସକ ଶ୍ରେଣୀ ଲୋକଙ୍କ ମଧ୍ୟରେ ଯୁଦ୍ଧ ଉନ୍ମାଦନାକୁ ତେଜିୟାନ କରିବା ପାଇଁ ଦେଶପ୍ରେମ ଭାବନାକୁ ଏହା ସହିତ ଜଡିତ କରିଦିଏ। ଲୋକମାନଙ୍କୁ ସଠିକ କଥା ବୁଝାଇବାକୁ ହେବ। ଯୁଦ୍ଧ ବନ୍ଦ କରିବାକୁ ହେଲେ ପୁଞ୍ଜିବାଦ-ସାମ୍ରାଜ୍ୟବାଦକୁ ଧ୍ୱଂସ କରିବାକୁ ହେବ। ଏହା ହିଁ ମାର୍କ୍ସବାଦ ଲେନିନବାଦର ଶିକ୍ଷା।

ଭାରତବର୍ଷର ବିପ୍ଳବ ବିଶ୍ୱର ଶୋଷିତ ମଣିଷର ଶୋଷଣ ମୁକ୍ତିର ବିପ୍ଳବକୁ ରାସ୍ତା ଦେଖାଇବ, ଉଦ୍‌ବୁଦ୍ଧ କରିବ, ଯେମିତି ଦିନେ କରିଥିଲା ଋଷ ଓ ଚୀନ। ଏକଥା ପାର୍ଟିର ନେତା, କର୍ମୀଙ୍କ ସହିତ ଜନସାଧାରଣଙ୍କୁ ମଧ୍ୟ ବୁଝିବାକୁ ପଡିବ। ୨୪ ଏପ୍ରିଲ ଏହା ହିଁ ଆହ୍ୱାନ ଦିଏ। ବିପ୍ଳବ ତ କରିବ ଶ୍ରମିକ ଶ୍ରେଣୀ। ସେହି ଶ୍ରମିକ ଆଜି ହତ ଦରିଦ୍ର କଙ୍କାଳ ସମ। ଶାସକ ଶ୍ରେଣୀ ଖାଲି ସେମାନଙ୍କୁ ପ୍ରକୃତ ଶିକ୍ଷାରୁ ବଂଚିତ କରେ ତା' ନୁହେଁ, ମଦ ସହିତ ନାନା ନିଶା ଖୁଆଇ ସେମାନଙ୍କୁ ନିଶାଶକ୍ତ କରିବା ପାଇଁ କୌଣସି କୌଶଳ ହାତଛଡା କରେନା। ସେହି ଜନଗଣଙ୍କ ପାଖକୁ ଯିବାକୁ ହେବ। କମ୍ରେଡ୍ ଶିବଦାସ ଘୋଷଙ୍କ ଶିକ୍ଷା ପହଞ୍ଚାଇବାକୁ ହେବ। ସେମାନେ ବିପ୍ଳବୀ ଆନ୍ଦୋଳନକୁ ଆସିବେ। କର୍ମୀ ମଧ୍ୟ ହେବେ। ଶ୍ରମିକ ମଧ୍ୟବିତ୍ତ ଏପରିକି ଉଚ୍ଚ ମଧ୍ୟବିତ୍ତ ଘରର ପିଲାମାନେ ବି ଭୋଗ ବିଳାସ ତ୍ୟାଗ କରି ବିପ୍ଳବର ଦାୟିତ୍ୱ ପାଳନ କରିବାକୁ ଆସିବେ ଯେମିତି ଦିନେ ସ୍ୱାଧୀନତା ଆନ୍ଦୋଳନରେ ଆସିଥିଲେ। ଶହୀଦ ଭଗତ ସିଂ, ନେତାଜୀଙ୍କ ଭଳି ଶତ ଶତ ସଂଗ୍ରାମୀଙ୍କ ଉଦାହରଣ ତ ଆମ ସାମ୍ନାରେ ଅଛି। ଏହି ଶହୀଦ ଭବନ ସେହି ସ୍ମୃତିର ପ୍ରତୀକ। ତେବେ କାହାକୁ ଦେଖି ଆସିବେ? ଆମର ଖାଲି କଥା ଶୁଣି ନୁହେଁ, ଆମର ଚରିତ୍ର ଦେଖି, ସ୍ନେହ ମମତା ଭଲ ପାଇବାର ସ୍ପର୍ଶ ପାଇ ଆସିବେ। କମ୍ରେଡ୍ ଶିବଦାସ ଘୋଷ ଯେଉଁ ବିପ୍ଳବୀ ଚାରିତ୍ରିକ, ସାଂସ୍କୃତିକ ମାନ ଆମ ପାଖରୁ ଆଶା କରିଥିଲେ, ତାହା ହାସଲ କରିବାର ସଂଗ୍ରାମରେ ଆମକୁ ଅଧିକରୁ ଅଧିକ ଆତ୍ମନିୟୋଗ କରିବାକୁ ପଡିବ। ଶୋଷଣମୁକ୍ତିର ସେହି ଶୋଷଣହୀନ ସମାଜବାଦୀ ସମାଜ ପ୍ରତିଷ୍ଠା କରିବାର ସ୍ୱପ୍ନକୁ ସାକାର କରିବା ପାଇଁ ଅଧିକରୁ ଅଧିକ ଦାୟିତ୍ୱ ନେବାକୁ ପଡିବ। ଏହା ହିଁ ପାର୍ଟି ପ୍ରତିଷ୍ଠା ଦିବସର ଆହ୍ୱାନ।"

ପ୍ରାୟ ଦୁଇଘଣ୍ଟା ଧରି ଉପସ୍ଥିତ ଜନତା, ପାର୍ଟି ପ୍ରତିଷ୍ଠା ଦିବସର ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା ଗଭୀର ମନୋନିବେଶ ଓ ଏକାଗ୍ରଚିତ୍ତରେ ଶୁଣୁଥିଲେ। ବହୁ ଦୂର ଦୂରାନ୍ତରୁ ପ୍ରବଳ ଖରା ତାତି ମଧ୍ୟରେ ବି ହଜାରରୁ ଊର୍ଦ୍ଧ୍ୱ କର୍ମୀ, ନେତା, ସମର୍ଥକ ଦରଦୀ, ଛୁଟି ଆସିଥିଲେ କଟକ ଶହୀଦ ଭବନକୁ। ଶହୀଦ ଭବନ, ଏପରିକି ଉପରର ହଲ ଯେଉଁଠି ବ୍ୟବସ୍ଥା ଥିଲା, ତା' ବି ପର୍ଯ୍ୟାପ୍ତ ହୋଇ ନଥିଲା। ତଥାପି ବିପ୍ଳବୀ ଶୃଙ୍ଖଳାବୋଧର ପରିଚୟ ଦେଇ ତଳେ ବସି, ଠିଆ ହୋଇ ସେମାନେ ବକ୍ତବ୍ୟ ଶୁଣୁଥିଲେ। ବିପ୍ଳବୀ କିଶୋର ସଂଗଠନ କମସୋମଲ ତରଫରୁ ମହାନ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ପ୍ରତି ଗାର୍ଡ ଅଫ ଅନର ପ୍ରଦର୍ଶନ ମଧ୍ୟ ଦେଇ ଠିକ ଦିନ ୧୧ଟାରେ ପାର୍ଟିର ରାଜ୍ୟ ସଂପାଦକମଣ୍ଡଳୀ ସଭ୍ୟ କମ୍ରେଡ୍ ଶମ୍ଭୁନାଥ ନାଏକଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୁଏ। ପାର୍ଟି ପ୍ରତିଷ୍ଠା ଦିବସ ଉପରେ ରଚିତ ସଂଗୀତ ଓ ମହାନ ନେତା କମ୍ରେଡ ଶିବଦାସ ଘୋଷଙ୍କ ଉପରେ ରଚିତ ସଂଗୀତ ପରିବେଷଣ ହୁଏ। ସଭାରେ ଓଡିଆ ଭାଷାରେ ପ୍ରକାଶିତ କମ୍ରେଡ୍ ଶିବଦାସ ଘୋଷଙ୍କ ଏକ ମୂଲ୍ୟବାନ ବକ୍ତବ୍ୟ ସମ୍ବଳିତ ପୁସ୍ତକ 'ଚେକୋସ୍ଲୋଭାକିଆରେ ସୋଭିଏତ୍ ୟୁନିୟନର ମିଲିଟାରି ହସ୍ତକ୍ଷେପ, ଋଷିଆରେ ସଂଶୋଧନବାଦର ବିକାଶ ଓ ପୁଞ୍ଜିବାଦର ବିପଦ ପ୍ରସଙ୍ଗରେ' ଉନ୍ମୋଚନ କରିଥିଲେ ପାର୍ଟି ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ କମ୍ରେଡ୍ ବିଷ୍ଣୁ ଦାସ। ଏହାପରେ ବର୍ତ୍ତମାନ ରାଜ୍ୟରେ ଭୟାବହ ଭାବେ ବୃଦ୍ଧି ପାଇଥିବା ବିସ୍ଥାପନ ସମସ୍ୟା ଓ ରାଷ୍ଟ୍ରୀୟ ଦମନ ଉପରେ ଏକ ପ୍ରସ୍ତାବ ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ କମ୍ରେଡ୍ ଅଶୋକ ମିଶ୍ର ଆଗତ କରିଥିଲେ ଓ ଏହାର ସମର୍ଥନରେ ବକ୍ତବ୍ୟ ରଖିଥିଲେ ସଂପାଦକ ମଣ୍ଡଳୀ ସଭ୍ୟ କମ୍ରେଡ୍ ବିଶ୍ୱାବସୁ ଦାସ। ସଭାପତିଙ୍କ ଅଭିଭାଷଣ ପରେ ଆନ୍ତର୍ଜାତିକ ସଂଗୀତ ପରିବେଷଣ ମଧ୍ୟ ଦେଇ ସଭା ସମାପ୍ତ ହୋଇଥିଲା। ପାର୍ଟିର କେନ୍ଦ୍ରୀୟ କମିଟି ନିଷ୍ପତ୍ତି କ୍ରମେ ପ୍ରତିଷ୍ଠା ଦିବସ ଦେଶବ୍ୟାପୀ ପାଳିତ ହୋଇଥିଲା। ଉକ୍ତ ଦିନ ପାର୍ଟିର ରାଜ୍ୟ କାର୍ଯ୍ୟାଳୟ ସହିତ ବିଭିନ୍ନ କାର୍ଯ୍ୟାଳୟରେ ରକ୍ତ ପତାକା ଉତ୍ତୋଳନ ଓ ମହାନ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ପ୍ରତିଛବିରେ ମାଲ୍ୟାର୍ପଣ କରାଯାଇଥିଲା। ସଭାସ୍ଥଳ ଶହୀଦ ଭବନ ପରିସରରେ ମଧ୍ୟ କମ୍ରେଡ ଶିବଦାସ ଘୋଷଙ୍କ ଉଦ୍ଧୃତି ପ୍ରଦର୍ଶନୀ ଓ ବୁକ୍ ଷ୍ଟଲ୍ ହୋଇଥିଲା। ଏହି ଉପଲକ୍ଷେ କମ୍ରେଡ୍ ଶିବଦାସ ଘୋଷଙ୍କ ପୁସ୍ତକ 'ବିପ୍ଳବୀ କର୍ମୀମାନଙ୍କ ଆଚରଣ ବିଧି' ବ୍ୟକ୍ତିଗତ ପଠନ ଓ ସାମୁହିକ କ୍ଲାସ, ବିଭିନ୍ନ ସ୍ଥାନରେ ସଭା, ବୈଠକ, କମ୍ରେଡ୍ ଶିବଦାସ ଘୋଷଙ୍କ ଉଦ୍ଧୃତି ପ୍ରଦର୍ଶନୀ, ବୁକ ଷ୍ଟଲ, ପ୍ରାଚୀର ଲିଖନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

★★★

## ମହାନ ମଇ ଦିବସ ...

( ୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଦାବି ହାସଲ କରିବା ସମ୍ଭବ ହେବନାହିଁ। ସେଥିପାଇଁ 'ନାଇଟ୍ସ ଅଫ୍ ଲେବର'କୁ ଆନ୍ଦୋଳନରେ ଯୁକ୍ତ କରିଥିଲେ। ଉଭୟ ସଂଗଠନ ମିଳିତ ଭାବେ ଧର୍ମଘଟର ପ୍ରସ୍ତୁତି କାର୍ଯ୍ୟ କରିଥିଲେ। ଏହି ପ୍ରସ୍ତୁତି କରିବା ମଧ୍ୟ ଦେଇ ସେମାନେ ଅନୁଭବ କରିଥିଲେ ଯେ ଏଇ ଲଢେଇ କଠିନ ଓ ଦୀର୍ଘସ୍ଥାୟୀ ହେବ। କାରଣ ଶ୍ରମ ଦିବସର ସମୟ କମିଲେ ମାଲିକମାନଙ୍କର ମୁନାଫାର ପରିମାଣ କମିଯିବ, କୌଣସି ମାଲିକ ତାର ମୁନାଫା କମ୍ କରିବାକୁ ଚାହିଁବ ନାହିଁ । ମାଲିକମାନଙ୍କୁ ବାଧ୍ୟ କରିବା ଭଳି ଆନ୍ଦୋଳନ କରିବାକୁ ହେବ। ତେଣୁ ଶ୍ରମିକଙ୍କ ଐକ୍ୟବଦ୍ଧ ସଂଗଠିତ ଆନ୍ଦୋଳନ କରିବାକୁ ହେବ। ଏହି ଉପଲବ୍ଧିରୁ ସମସ୍ତ ବର୍ଗର ଶ୍ରମିକଙ୍କୁ ନେଇ ସର୍ବତ୍ର '୮ ଘଣ୍ଟା ଶ୍ରମ ସମିତି' ଗଠନ କରାଗଲା।

୧୮୮୬ ମସିହା ମଇ ପହିଲାରେ ସମଗ୍ର ଯୁକ୍ତରାଷ୍ଟ୍ର ଆମେରିକାରେ ଶ୍ରମିକ ଧର୍ମଘଟ ଆରମ୍ଭ ହେଲା। ଏହି ଧର୍ମଘଟ ସବୁଠାରୁ ବେଶୀ ଲଢୁଆ ରୂପ ନେଇଥିଲା ବାମପନ୍ଥୀ ଆନ୍ଦୋଳନର କେନ୍ଦ୍ର ଚିକାଗୋ ସହରରେ । ୪ଲକ୍ଷରୁ ଅଧିକ ଶ୍ରମିକ ଏହି ଧର୍ମଘଟରେ ଅଂଶଗ୍ରହଣ କରିଥିଲେ। ଜାତି,ଧର୍ମ, ବର୍ଣ୍ଣ, ଭାଷା ନିର୍ବିଶେଷରେ ସମସ୍ତ ବର୍ଗର ଶ୍ରମିକ ଏହି ଧର୍ମଘଟରେ ସାମିଲ ହୋଇଥିଲେ। ମଇ ପହିଲାରେ ଏହି ଧର୍ମଘଟ ଶେଷ ହୋଇ ନଥିଲା। ମଇ ୩ ତାରିଖରେ ମ୍ୟାକ୍ କର୍ମିକ୍ ରିପର କାରଖାନାର ଧର୍ମଘଟକାରୀ ଶ୍ରମିକଙ୍କ ଏକ ସମାବେଶ ଉପରକୁ ପୋଲିସ ବାହିନୀ ଗୁଳିଚାଳନା କରି ୬ଜଣ ଶ୍ରମିକଙ୍କୁ ହତ୍ୟା କରିବା ସହିତ ବହୁ ଶ୍ରମିକଙ୍କୁ ଆହତ କଲେ। ପୋଲିସର ଏହି ବର୍ବର ଆକ୍ରମଣ ଓ ହତ୍ୟାକାଣ୍ଡର ପ୍ରତିବାଦରେ ମଇ ୪ ତାରିଖରେ ଚିକାଗୋ ସହରର ହେ ମାର୍କେଟରେ ଏକ ପ୍ରତିବାଦ ସଭା ହେଲା। ଏହି ସଭାରେ ଶ୍ରମିକ ନେତା ଅଗଷ୍ଟ ସ୍ପାଇସ୍, ଏଲବର୍ଟ ପାର୍ସନ୍ସ, ସାମୁଏଲ୍ ଫିଲଡେନ୍ ଉଦବୋଧନ ଦେଇଥିଲେ। ସଭାର ଶେଷ ମୁହୂର୍ତ୍ତରେ ରାତି ୧୦ଟା ସମୟରେ ପୋଲିସ ବାହିନୀ ହଠାତ୍ ଆକ୍ରମଣ ଆରମ୍ଭ କଲା। ସେତିକି ବେଳେ ପୋଲିସର ଜଣେ ଏଜେଣ୍ଟ ପୋଲିସ ଉପରକୁ ବୋମା ଫିଙ୍ଗିଲା। ଏଥିରେ ଜଣେ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ହେଲା। ସଙ୍ଗେ ସଙ୍ଗେ ପୋଲିସ ଶ୍ରମିକମାନଙ୍କ ଉପରେ ବେପରୁଆ ଭାବେ ଲାଠି ଗୁଳି ଚଳାଇ ଚିକାଗୋ ସହରର ହେ ମାର୍କେଟକୁ ରକ୍ତ ରଞ୍ଜିତ କରିଦେଲା। ପୋଲିସର ଦମନ ଲୀଳା ଏତିକିରେ ଶେଷ ହେଲା ନାହିଁ। ଶ୍ରମିକ ନେତା ଅଗଷ୍ଟ ସ୍ପାଇସ୍, ଏଲବର୍ଟ ପାର୍ସନ୍ସ, ସାମୁଏଲ୍ ଫିଲଡେନ୍, ଏଡଲଫ୍ ଫିସାର, ଜର୍ଜ ଏଙ୍ଗେଲ୍, ମାଇକେଲ୍ ସ୍କାବ୍, ଲୁଇସ୍ ଲିଙ୍ଗ୍ ଓ ଓସ୍କାର୍ ନିବଙ୍କ ସମେତ ୩୧ଜଣଙ୍କୁ ଗିରଫ କରି କୋର୍ଟରେ ବିଚାରର ପ୍ରହସନ ଚଳେଇଲେ। ୧୮୮୭ ମସିହା ନଭେମ୍ବର ୧୦ ତାରିଖରେ ଜେଲ ମଧ୍ୟରେ ଲୁଇସ୍ ଲିଙ୍ଗଙ୍କର ରହସ୍ୟଜନକ ଭାବେ ମୃତ୍ୟୁ ହେଲା ଏବଂ ନଭେମ୍ବର ୧୧ ତାରିଖରେ ଶ୍ରମିକ ନେତା ସ୍ପାଇସ୍,ପାର୍ସନ୍ସ, ଫିସାର ଓ ଏଙ୍ଗେଲଙ୍କୁ ଫାଶୀ ଦେଇ ହତ୍ୟା କରାଗଲା। ଚିକାଗୋ ସହରରେ ଏହି ୫ଜଣ ଶହୀଦଙ୍କ ଶେଷ ଶୋଭାଯାତ୍ରାରେ ୬ଲକ୍ଷରୁ ଅଧିକ ଶ୍ରମିକ ଅଂଶଗ୍ରହଣ କରିଥିଲେ। ଯୁକ୍ତରାଷ୍ଟ୍ର ଆମେରିକାର ମାଲିକ ଶ୍ରେଣୀ ଓ ତାର ସରକାର ଶ୍ରମିକ ଆନ୍ଦୋଳନକୁ ଧ୍ୱଂସ କରିବା ତ ଦୂରର କଥା ବରଂ ଏହା ଆନ୍ତର୍ଜାତିକ ଆନ୍ଦୋଳନର ରୂପ ନେଲା। ଏହି ସଂଗ୍ରାମ ସାରା ବିଶ୍ୱର ଶ୍ରମିକମାନଙ୍କ ମଧ୍ୟରେ ଏକ ନୂତନ ଆନ୍ଦୋଳନର ଜୁଆର ସୃଷ୍ଟି କଲା। ୧୪ ଜୁଲାଇ ୧୮୮୯ରେ ଫରାସୀ ରାଷ୍ଟ୍ର ବିପ୍ଳବର ଶତବାର୍ଷିକୀରେ ଓ ବାଷ୍ଟାଇଲ୍ ଦୁର୍ଗ ପତନ ଦିବସରେ ପ୍ୟାରିସ୍‌ଠାରେ ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନର ମହାନ ନେତା ଫ୍ରେଡ଼ରିକ୍ ଏଙ୍ଗେଲ୍ସଙ୍କ ନେତୃତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଆନ୍ତର୍ଜାତିକ ସମ୍ମିଳନୀରେ ମଇ ପହିଲାକୁ ଆନ୍ତର୍ଜାତିକ ଶ୍ରମିକ ସଂହତି ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଗଲା। ୧୮୯୦ ମସିହା ମଇ ପହିଲା ଠାରୁ ସାରା ବିଶ୍ୱରେ ଆନ୍ତର୍ଜାତିକ ଶ୍ରମିକ ଦିବସ ଭାବେ ପାଳନ କରାଯାଉଛି।

ମହାନ ମଇ ଦିବସର ସେହି ଗୌରବୋଜ୍ଜ୍ୱଳ ସଂଗ୍ରାମ ଫଳରେ ସାରା ବିଶ୍ୱରେ ଦୈନିକ ୮ ଘଣ୍ଟା ଶ୍ରମ ଦିବସ ଆଇନଗତ ଭାବେ କାର୍ଯ୍ୟକାରୀ ହୋଇଥିଲା।୧୯୧୭ ମସିହାରେ ଶ୍ରମିକ ଶ୍ରେଣୀ ନେତୃତ୍ୱରେ ସମାଜତାନ୍ତ୍ରିକ ରାଷ୍ଟ୍ର ସୋଭିଏତ ୟୁନିୟନ ପ୍ରତିଷ୍ଠା ହେବା ପରେ ବିଶ୍ୱ ବ୍ୟାପୀ ଶ୍ରମିକ ଆନ୍ଦୋଳନ ତୀବ୍ରତର ହୋଇଥିଲା। ତାର ପ୍ରଭାବରେ ଭାରତ ସମେତ ଅନ୍ୟାନ୍ୟ ପୁଞ୍ଜିବାଦୀ ଦେଶଗୁଡ଼ିକରେ ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥରେ ଅନେକ ଶ୍ରମ ଆଇନ ପ୍ରଣୟନ ହୋଇଥିଲା। ବିଂଶ ଶତାବ୍ଦୀର ନବେ ଦଶକରେ ସମାଜତାନ୍ତ୍ରିକ ସୋଭିଏତ ୟୁନିୟନର ପତନ ପରେ ସାରା ବିଶ୍ୱରେ ଶ୍ରମିକ ଶ୍ରେଣୀ ଉପରେ ପୁଞ୍ଜିବାଦୀ–ସାମ୍ରାଜ୍ୟବାଦୀ ମାନଙ୍କର ବାଧାହୀନ ଆକ୍ରମଣ ବୃଦ୍ଧି ପାଇଛି। ବିଭିନ୍ନ ଦେଶରେ ଜଗତିକରଣ ନୀତି ଲାଗୁ କରି ସରକାରମାନେ ପୁଞ୍ଜିବାଦୀ–ସାମ୍ରାଜ୍ୟବାଦୀଙ୍କ ସ୍ୱାର୍ଥରେ ନୀତି ଗ୍ରହଣ କରି ଚାଲିଛନ୍ତି ।

ନବେ ଦଶକରେ କଂଗ୍ରେସ ସରକାର ଆମ ଦେଶରେ ମୁକ୍ତ ବଜାର ଅର୍ଥନୀତି– ଘରୋଇକରଣ– ଜଗତିକରଣ ନୀତି ପ୍ରଚଳନ କରି ଏକଚାଟିଆ ପୁଞ୍ଜିପତିଙ୍କ ସ୍ୱାର୍ଥ ରକ୍ଷା କରି ଆସିଥିବା ବେଳେ ପରବର୍ତ୍ତୀ ସରକାରମାନେ ମଧ୍ୟ ସେଇ ନୀତିକୁ କାର୍ଯକାରୀ କରି ଆସିଛନ୍ତି। ୨୦୧୪ ମସିହାରେ କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାର ଶ୍ରମଜୀବୀ ଜନସାଧାରଣଙ୍କ ଉପରେ ଆକ୍ରମଣ ତୀବ୍ରତର କରିବାକୁ ଆରମ୍ଭ କଲା। ତାର ଦୀର୍ଘ ୧୨ ବର୍ଷର ଶାସନ କାଳରେ ମାଲିକ ଶ୍ରେଣୀ ସ୍ୱାର୍ଥରେ ୪ଟି ଶ୍ରମ କୋଡ୍ ପ୍ରଣୟନ କରି ୨୫ ନଭେମ୍ବର ୨୦୨୫ ଠାରୁ ଏହାକୁ କାର୍ଯ୍ୟକାରୀ ପାଇଁ ନିଷ୍ପତ୍ତି କରିଛି। ଲଗାତର ଆନ୍ଦୋଳନର ଚାପରେ କିଛି ମାତ୍ରାରେ ହେଲେ ବି ଶ୍ରମିକମାନଙ୍କ ସ୍ୱାର୍ଥରେ ପ୍ରଣୀତ ୫୧ଟି ଶ୍ରମ ଆଇନ ମଧ୍ୟରୁ ୨୯ଟି ଶ୍ରମ ଆଇନକୁ ଉଚ୍ଛେଦ କରି ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ୍ ପ୍ରଣୟନ କରାଯାଇଛି। ଏହି ଶ୍ରମ କୋଡକୁ ସମ୍ପୂର୍ଣ୍ଣ ଭାବେ ଲାଗୁ କରିବା ନିମନ୍ତେ ବିଜେପି ସରକାର ପ୍ରକ୍ରିୟା ଗ୍ରହଣ କରି ଚାଲିଛନ୍ତି। ଏହି ଶ୍ରମ କୋଡରେ ଶ୍ରମିକ କର୍ମଚାରୀଙ୍କୁ ମନ ଇଚ୍ଛା ଛଟେଇ କରିବା ପାଇଁ ମାଲିକ ମାନଙ୍କୁ ସ୍ୱାଧୀନତା ଦିଆ ଯାଇଛି। ମହାନ ମଇ ଦିବସର ସଂଗ୍ରାମ ଫଳରେ ଆଇନ ଗତ ଭାବେ ଗୃହୀତ ୮ଘଣ୍ଟା ଶ୍ରମ ଦିବସକୁ ବାତିଲ କରି ଶ୍ରମିକ କର୍ମଚାରୀଙ୍କୁ ଅମାନବିକ ଶୋଷଣ କରିବା ପାଇଁ ପୁଞ୍ଜିପତି ଶ୍ରେଣୀ ଓ ସରକାର ଚକ୍ରାନ୍ତ କରି ଚାଲିଛନ୍ତ। ଦୈନିକ ୧୦ରୁ ୧୨ ଘଣ୍ଟା ଶ୍ରମ ଦିବସ ପ୍ରଚଳନ କରିବାପାଇଁ ଷଡଯନ୍ତ୍ର ଚାଲିଛି। ସମସ୍ତ ରାଷ୍ଟ୍ରାୟତ୍ତ ଓ ସରକାରୀ ଉଦ୍ୟୋଗ ଗୁଡ଼ିକର ଘରୋଇକରଣ କରିବା ପାଇଁ ନେସନାଲ ମନିଟାଇଜେସନ ପାଇପ ଲାଇନ ନାଆଁରେ ସରକାରୀ ସଂପତ୍ତି ବିକ୍ରି କରାଯାଉଛି। ଦୀର୍ଘ ବର୍ଷ ଧରି ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରୀ ବୃଦ୍ଧି କରାଯାଉ ନାହିଁ। ମଧ୍ୟାହ୍ନ ଭୋଜନ ପାଚିକା–ସହାୟିକା, ଆଶା, ଅଙ୍ଗନୱାଡି କର୍ମୀ ଓ ସହାୟିକା, ଜୀବିକା ମିଶନ କର୍ମୀ ଆଦି ଏକ କୋଟିରୁ ଊର୍ଦ୍ଧ୍ୱ ସ୍କିମ୍ ଶମିକଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାର ନିଷ୍ଠୁର ଶୋଷଣ କରିଚାଲିଛନ୍ତି। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, ବିଦ୍ୟୁତ୍ ଅତ୍ୟାବଶ୍ୟକ ସାମଗ୍ରୀ ଓ ସେବାରେ ଆକାଶଛୁଆଁ ଦରବୃଦ୍ଧିରେ ଶ୍ରମଜୀବୀ ଜନସାଧାରଣ ହାହାକାର କରୁଛନ୍ତି। ନ୍ୟାଯ୍ୟ ଦାବିରେ ସଂପ୍ରତି ନୋଏଡା, ଗୁର୍‌ଗାଓଁ, ସୁରତ ଆଦି ଶିଳ୍ପାଂଚଳରେ ଗଢି ଉଠିଥିବା ଶ୍ରମିକ ଆନ୍ଦୋଳନ ଉପରେ ସରକାର ଅମାନବିକ ଭାବେ ଦମନଲୀଳା ଚଳାଇଛନ୍ତି।

ବର୍ତ୍ତମାନର ଏହିଭଳି ପରିସ୍ଥିତିରେ ପୁଣି ଥରେ ମଇ ଦିବସ ଆସିଛି। ସଂକଟ ଜର୍ଜରିତ ପରିସ୍ଥିତିରେ ମଇ ଦିବସର ସଂଗ୍ରାମରୁ ଶିକ୍ଷା ନେଇ ଶ୍ରମଜୀବୀ ଜନସାଧାରଣଙ୍କ ଉପରେ ଚାଲିଥିବା ଆକ୍ରମଣ ବିରୁଦ୍ଧରେ ସଚେତନ ସଙ୍ଗଠିତ ଦୀର୍ଘସ୍ଥାୟୀ ମିଳିତ ଆନ୍ଦୋଳନକୁ ଶକ୍ତିଶାଳୀ କରିବା ସହିତ ଏହି ଶୋଷଣମୂଳକ ପୁଞ୍ଜିବାଦୀ ସମାଜ ବ୍ୟବସ୍ଥା ଉଚ୍ଛେଦର ସଂଗ୍ରାମକୁ ତୀବ୍ରତର କରିବାକୁ ହେବ। ଏହାହିଁ ମହାନ ମଇ ଦିବସର ଆହ୍ୱାନ।

★★★

***( ମଇ ଦିବସରେ ଐତିହାସିକ ହେ ମାର୍କେଟ ଆନ୍ଦୋଳନରେ ସକ୍ରିୟ ପାର୍ସନ୍ସଙ୍କୁ ବିଚାରର ପ୍ରହସନ କରି ୧୮୮୭ ନଭେମ୍ବର ୧୦ ତାରିଖରେ ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଫାଶୀ ଆଦେଶର ଖବର ପାଇ ବା ପରେ ପାର୍ସନ୍ସ ଜେଲ୍ କୋଠରୀରୁ ତାଙ୍କ ସ୍ତ୍ରୀ ଙ୍କ ନିକଟକୁ ଲେଖିଥିବା ମାର୍ମିକ ଚିଠିର ଓଡ଼ିଆ ଅନୁବାଦ ସର୍ବହରା କ୍ରାନ୍ତିର ଚଳିତ ସଂଖ୍ୟାରେ ପ୍ରକାଶ କରାଯାଉଛି। ଅନୁବାଦ ଜନିତ ତ୍ରୁଟି ଓ ସୀମାବଦ୍ଧତା ପାଇଁ ଆମେ ସମ୍ପୂର୍ଣ୍ଣ ଦାୟୀ। – ସମ୍ପାଦକ, ସର୍ବହରା କ୍ରାନ୍ତି)***

କୁକ୍ କାଉଣ୍ଟି ବାଷ୍ଟିଲ୍, କାରାକକ୍ଷ ନମ୍ବର ୨୯,
ଚିକାଗୋ, ଅଗଷ୍ଟ ୨୦, ୧୮୮୬.

**ମୋର ପ୍ରାଣପ୍ରିୟା ପତ୍ନୀ,**

ଆଜି ପ୍ରଭାତରେ ଶୁଣାଯାଇଥିବା ଆମର ରାୟ ସମଗ୍ର ବିଶ୍ୱର ସ୍ୱୈରାଚାରୀମାନଙ୍କ ହୃଦୟରେ ବିଜୟର ଉଲ୍ଲାସ ଭରିଦେଇଛି। ଏହି ଫଳାଫଳକୁ ଉପଭୋଗ କରିବା ପାଇଁ ଚିକାଗୋରୁ ସେଣ୍ଟ ପିଟର୍ସବର୍ଗ ପର୍ଯ୍ୟନ୍ତ 'ପୁଞ୍ଜିପତି ରାଜା'ମାନେ ଉଚ୍ଛଳ ମଦିରାର ମାତାଲ ଭୋଜିରେ ନିଜକୁ ହଜାଇ ଦେବେ। ତଥାପି, ଆମର ଏହି ମୃତ୍ୟୁଦଣ୍ଡ ହେଉଛି କାନ୍ଥରେ ଲିଖିତ ସେହି ସ୍ପଷ୍ଟ ଭବିଷ୍ୟବାଣୀ, ଯାହା ଘୃଣା, ଈର୍ଷା, ଭଣ୍ଡାମି, ନ୍ୟାୟିକ ହତ୍ୟା, ଅତ୍ୟାଚାର ଏବଂ ନିଜ ସାଥୀ ମଣିଷ ଉପରେ ମଣିଷର ଦର୍ପିତ ଶାସନର ଆସନ୍ନ ନିଶ୍ଚିତ ପତନକୁ ସୂଚାଉଛି। ପୃଥିବୀର ନିଷ୍ପେଷିତ ଜନତା ଆଜି ଆଇନର ଲୁହା ଶିକୁଳିରେ ବନ୍ଧା ହୋଇ ଛଟପଟ ହେଉଛନ୍ତି। କିନ୍ତୁ ଶ୍ରମିକ ରୂପୀ ମହାଦାନବ ଆଜି ନିଦ୍ରାରୁ ଜାଗ୍ରତ ହେଉଛି। ନିଜର ଦୀର୍ଘ ଜଡ଼ତାରୁ ଉଠିଥିବା ଏହି ଜନସମୁଦ୍ର, ଘୂର୍ଣ୍ଣିବାତ୍ୟାରେ ଉଡ଼ିଯାଉଥିବା କୁଟା ଖଣ୍ଡଭଳି ସେମାନଙ୍କୁ ବାନ୍ଧି ରଖିଥିବା ଏହି ତୁଚ୍ଛ ଶୃଙ୍ଖଳଗୁଡ଼ିକୁ ଛିଣ୍ଡାଇ ଫିଙ୍ଗିଦେବେ।

ଆମେ ସମସ୍ତେ ପରିସ୍ଥିତିର କ୍ରୀଡ଼ନକ ମାତ୍ର; ପରିସ୍ଥିତି ଆମକୁ ଯେମିତି ଗଢ଼ିଛି, ଆମେ ଠିକ୍ ସେୟା। ଏହି ନିରାଟ ସତ୍ୟ ଦିନକୁ ଦିନ ଆହୁରି ଜଳଜଳ ହୋଇ ଦିଶୁଛି।

ହେମାର୍କେଟ୍ ରକ୍ତପାତରେ ଏହି ଆଠ ଜଣ ମୃତ୍ୟୁଦଣ୍ଡ ପ୍ରାପ୍ତ ବ୍ୟକ୍ତିଙ୍କ ମଧ୍ୟରୁ କାହାରି ବି ସମ୍ପୃକ୍ତି ଥିଲା, କିମ୍ବା ସେମାନେ ଏଥିପାଇଁ କାହାକୁ ଉସକାଇଥିଲେ କି ପରାମର୍ଶ ଦେଇଥିଲେ–ଏହାର କୌଣସି ପ୍ରମାଣ ନଥିଲା। କିନ୍ତୁ ସେଥିରେ କ'ଣ ଯାଏ ଆସେ? ସୁବିଧାଭୋଗୀ ଶ୍ରେଣୀ କେବଳ ଗୋଟିଏ ବଳିଦାନ ଖୋଜୁଛନ୍ତି, ଏବଂ କ୍ରୋଧରେ ଜର୍ଜରିତ କୋଟିପତିମାନଙ୍କର ରକ୍ତପିପାସୁ ଭିଡ଼କୁ ଶାନ୍ତ କରିବା ପାଇଁ ଆମକୁ ବଳିପଡ଼ିଆକୁ ଟାଣି ନିଆଯାଉଛି। ଆମ ଜୀବନ ବ୍ୟତୀତ ଅନ୍ୟ କିଛି ସେମାନଙ୍କୁ ସନ୍ତୁଷ୍ଟ କରିପାରିବ ନାହିଁ। ଏକଚାଟିଆ ପୁଞ୍ଜିବାଦର ବିଜୟ ହେଉଛି! ସ୍ୱାଧୀନତା ଓ ନ୍ୟାଯ୍ୟ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବାର ଦୁଃସାହସ କରିଥିବାରୁ, ଆଜି ଶୃଙ୍ଖଳିତ ଶ୍ରମିକ ଫାଶୀ ଖୁଣ୍ଟରେ ଚଢୁଛି!

ହେ ମୋର ହତଭାଗିନୀ ପ୍ରାଣପ୍ରିୟା ପତ୍ନୀ, ମୁଁ ବ୍ୟକ୍ତିଗତ ଭାବେ ତୁମ ପାଇଁ ଏବଂ ଆମ ଅସହାୟ କୁନି କୁନି ପିଲାମାନଙ୍କ ପାଇଁ ବ୍ୟଥିତ। ଜନତାର ଏକ କନ୍ୟା ରୂପେ, ମୁଁ ତୁମକୁ ସେହି ଜନତାଙ୍କ ଉଦ୍ଦେଶ୍ୟରେ ହିଁ ସମର୍ପଣ କରୁଛି। ତୁମ ପାଖରେ ମୋର କେବଳ ଗୋଟିଏ ଅନୁରୋଧ: ମୋର ଅବର୍ତ୍ତମାନରେ ନିଜ ପ୍ରତି କୌଣସି ଅବିବେକୀ ପଦକ୍ଷେପ ନେବ ନାହିଁ। ବରଂ ମୁଁ ସମାଜବାଦର ମହାନ ଝଣ୍ଡାକୁ ଯେଉଁଠି ଛାଡିବାକୁ ବାଧ ହେଉଛି ତୁମେ ସେହିଠାରୁ ହିଁ ଝଣ୍ଡାକୁ ହାତରେ ତୋଳିନେବ ବୋଲି ମୁଁ ଆଶା କରୁଛି।

ମୋର ସନ୍ତାନଗଣ – ଯେଉଁ ସମାଜ ନିଜର ଶତକଡ଼ା ନବେ ଭାଗ ଶିଶୁଙ୍କୁ କ୍ରୀତଦାସର ଖଟଣି ଏବଂ ଘୋର ଦାରିଦ୍ର୍ୟ ଭିତରକୁ ଠେଲିଦିଏ, ସେହି ସମାଜରେ ଆପୋଷ ବୁଝାମଣାର ଜୀବନ ବଞ୍ଚିବା ଅପେକ୍ଷା, ସେମାନଙ୍କ ସ୍ୱାଧୀନତା ଓ ସୁଖର ସନ୍ଧାନରେ ତାଙ୍କ ପିତା ନିଜ ପ୍ରାଣବଳୀ ଦେବା ଯଥେଷ୍ଟ ଶ୍ରେୟସ୍କର। ମୋର ନିଷ୍ପାପ ଅସହାୟ ଶିଶୁ ମାନଙ୍କୁ ଅଶେଷ ଆଶୀର୍ବାଦ; ମୁଁ ସେମାନଙ୍କୁ ଭାଷାରେ ପ୍ରକାଶ କରି ନହେଲାଭଳି ଭଲପାଏ।

ଆଃ ପ୍ରିୟା, ଜୀବନ ଥାଉ ବା ମୃତ୍ୟୁ ଆସୁ, ଆମେ ଦୁହେଁ ଚିରଦିନ ପାଇଁ ଏକ ଅଟୁ। ତୁମ ପ୍ରତି ମୋର ପ୍ରେମ ଅନନ୍ତ ଏବଂ ଅମର। ଆଉ ଜନତାଙ୍କ ପାଇଁ ରହିଲା ମୋର ମାନବିକତା। ମୃତ୍ୟୁକୁ ଅପେକ୍ଷା କରିଥିବା ଏହି ଅନ୍ଧକାର କାରାକକ୍ଷରୁ ମୁଁ ବାରମ୍ବାର କେବଳ ଗୋଟିଏ ଚିତ୍କାର କରୁଛି: ମୁକ୍ତି! ନ୍ୟାୟ! ସମାନତା!

***ଆଲବର୍ଟ ଆର ପାର୍ସନ୍ସ***

Regd.No-ORI ORI/2011/37220 • VOL. NO. 13, ISSUE NO. 25 • ମୂଲ୍ୟ-୫ଟଙ୍କା

# ବିଶିଷ୍ଟ ଜନନେତା କମ୍ରେଡ୍ ସତ୍ୟପ୍ରିୟ ମହାନ୍ତିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି



ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ସୁନ୍ଦରଗଡ ଜିଲ୍ଲା କମିଟିର ବରିଷ୍ଠ ସଦସ୍ୟ ତଥା କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ଏଆଇୟୁଟିୟୁସି ସୁନ୍ଦରଗଡ ଜିଲ୍ଲା କମିଟି ସଭାପତି କମ୍ରେଡ୍ ସତ୍ୟପ୍ରିୟ ମହାନ୍ତିଙ୍କର ଅତ୍ୟନ୍ତ ଆକସ୍ମିକ, ଅଭାବନୀୟ ଓ ମର୍ମନ୍ତୁଦ ମୃତ୍ୟୁରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଓ ଏଆଇୟୁଟିୟୁସି ତରଫରୁ ଗଭୀରତମ ଶୋକ ପ୍ରକାଶ କରାଯାଇଛି। କମ୍ରେଡ୍ ମହାନ୍ତି, ଗତ ୨୦ ଏପ୍ରିଲ ୨୦୨୬ରେ ପ୍ରାୟ ୭୮ ବର୍ଷ ବୟସରେ ରାଉରକେଲା ଇସ୍ପାତ୍ ଜେନେରାଲ ହସପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଦୁର୍ଘଟଣା ଜନିତ ତାଙ୍କର ଏହି ଦୁଃଖଦ ମୃତ୍ୟୁ ରାଉରକେଲା, ସୁନ୍ଦରଗଡ ଜିଲ୍ଲା ତଥା ଓଡିଶାର ଗଣ ଆନ୍ଦୋଳନ, ବିଶେଷକରି ଶ୍ରମିକ ଆନ୍ଦୋଳନ କ୍ଷେତ୍ରରେ ଏକ ବିରାଟ କ୍ଷତ ସୃଷ୍ଟି କରିଛି। ୧୯୬୭ ମସିହାରେ ସେ ମହାନ୍ ମାର୍କ୍ସବାଦୀ ଚିନ୍ତାନାୟକ କମ୍ରେଡ୍ ଶିବଦାସ ଘୋଷଙ୍କ ବିପ୍ଳବୀ ଚିନ୍ତା ଶିକ୍ଷାର ସଂସ୍ପର୍ଶରେ ଆସିଥିଲେ ଏବଂ ବିଗତ ପ୍ରାୟ ୬ ଦଶନ୍ଧି ଧରି ସେହି ମହାନ୍ ଶିକ୍ଷାର ଭିତ୍ତିରେ ଦେଶରେ ପୁଞ୍ଜିବାଦ ବିରୋଧୀ ସମାଜତାନ୍ତ୍ରିକ ବିପ୍ଳବର ପ୍ରସ୍ତୁତିରେ ନିଜକୁ ସମର୍ପଣ କରିଥିଲେ।

ଓଡିଶାର ବିଶିଷ୍ଟ ଜନନେତା ତଥା ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପାର୍ଟିର ପୂର୍ବତନ ରାଜ୍ୟ ସମ୍ପାଦକ ତଥା କେନ୍ଦ୍ରୀୟ କମିଟି ସଭ୍ୟ ପ୍ରୟାତ କମ୍ରେଡ୍ ତାପସ ଦତ୍ତଙ୍କ ନେତୃତ୍ୱରେ ତାଙ୍କର ସଂଗ୍ରାମୀ ଜୀବନର ସୂଚନା ହୋଇଥିଲା। କମ୍ରେଡ୍ ସତ୍ୟପ୍ରିୟ ମହାନ୍ତି ଦୀର୍ଘ ବର୍ଷ ରାଉରକେଲା ୱାର୍କର୍ସ ୟୁନିୟନ୍‌ର ସାଧାରଣ ସମ୍ପାଦକ ଥିଲେ। ମୃତ୍ୟୁ ସମୟରେ ସେ ଏହି ଶ୍ରମିକ ସଂଗଠନର କାର୍ଯ୍ୟକାରୀ ସଭାପତି ଥିଲେ। ସେ ରାଉରକେଲା ଇଂଜିନିୟରିଂ ୱାର୍କର୍ସ ୟୁନିୟନ୍ ସମେତ ଏଆଇୟୁଟିୟୁସି ସହବନ୍ଧିତ ଆହୁରି ୭ଟି ଟ୍ରେଡ୍ ୟୁନିୟନ୍ ସଂଗଠନର ସାଧାରଣ ସମ୍ପାଦକ ଥିଲେ। କମ୍ରେଡ୍ ମହାନ୍ତି ଏଆଇୟୁଟିୟୁସି ଓଡିଶା ରାଜ୍ୟ କମିଟିର ଅନ୍ୟତମ ଉପସଭାପତି ତଥା ଏଆଇୟୁଟିୟୁସି ସର୍ବଭାରତୀୟ ୱାର୍କିଂ କମିଟିର ଜଣେ ବରିଷ୍ଠ ସଦସ୍ୟ ଥିଲେ। ଏତଦ୍‌ବ୍ୟତୀତ ଏଆଇୟୁଟିୟୁସି ସହବନ୍ଧିତ ଫେଡେରେସନ୍ ଅଫ୍ ଇଣ୍ଡିଆନ ଷ୍ଟିଲ୍ ୱାର୍କର୍ସ(FISW)ର ଅନ୍ୟତମ ଉପସଭାପତି ମଧ୍ୟ ଥିଲେ।

୧୯୬୯ ମସିହା ତାଳଚେର ବିମଳାଗଡ ରେଳ ପଥ ନିର୍ମାଣ ଦାବିରେ, ୧୯୭୦ ମସିହାରେ ଓଡିଶାରେ ଦ୍ୱିତୀୟ ଇସ୍ପାତ୍ କାରଖାନା ପ୍ରତିଷ୍ଠା ଦାବିରେ, ୧୯୭୧ ମସିହାରେ ରାଉରକେଲା ଇସ୍ପାତ କାରଖାନାର 'ପାସଡ୍ ଆଉଟ୍ ଟ୍ରେନିଜ୍'ମାନଙ୍କର ଆନ୍ଦୋଳନରେ ସେ ନେତୃତ୍ୱକାରୀ ଭୂମିକା ପାଳନ କରିଥିଲେ। ସେ Passed Out Trainees (POT) ଆସୋସିଏସନ୍‌ର ସଭାପତି ଥିଲେ। ଏହି ଆନ୍ଦୋଳନରେ ନେତୃତ୍ୱକାରୀ ଭୂମିକା ଯୋଗୁଁ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଶାସ୍ତିମୂଳକ ପଦକ୍ଷେପଭାବେ ତାଙ୍କୁ ପ୍ରାୟ ଦୁଇ ବର୍ଷ ବିଳମ୍ବରେ ନିଯୁକ୍ତି ଦେଇଥିଲେ। ୧୯୭୪-୭୫ ଜେ.ପି ଆନ୍ଦୋଳନ ଓ ୧୯୭୪ ମସିହା ଐତିହାସିକ ସର୍ବଭାରତୀୟ ରେଳ ଶ୍ରମିକ ଧର୍ମଘଟରେ ତାଙ୍କର ଭୂମିକା ଉଲ୍ଲେଖନୀୟ ଥିଲା। ରେଳ ଶ୍ରମିକ ଧର୍ମଘଟରେ ସକ୍ରିୟ ଭୂମିକା ଯୋଗୁ ସେ ଗିରଫ ହୋଇଥିଲେ। ରାଉରକେଲା ଇସ୍ପାତ୍ କାରଖାନାରେ ବିଭିନ୍ନ ବିଭାଗର ଶ୍ରମିକମାନଙ୍କର ଆନ୍ଦୋଳନରେ ବିଭିନ୍ନ ସମୟରେ ସେ ନେତୃତ୍ୱକାରୀ ଭୂମିକା ପାଳନ କରିଥିଲେ। ୧୯୮୦ ଦଶନ୍ଧିରେ ରାଉରକେଲା ଇସ୍ପାତ୍ କାରଖାନାର Central Repair Shop (ସିଆରଏସ୍) ବିଭାଗର ଶ୍ରମିକମାନଙ୍କ ଆନ୍ଦୋଳନରେ ଅଗ୍ରଣୀ ଭୂମିକା ପାଳନ କରିବା ଫଳରେ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ କମ୍ରେଡ୍ ମହାନ୍ତିଙ୍କୁ ଦୀର୍ଘ ବର୍ଷ ସସ୍‌ପେଣ୍ଡ କରି ରଖିଥିଲେ। ରାଉରକେଲା, ବିଶ୍ରା, କୁଆଁରମୁଣ୍ଡା, କଳୁଙ୍ଗା, ରାଜଗାଙ୍ଗପୁର ଇତ୍ୟାଦି ଶିଳ୍ପାଂଚଳରେ ବହୁ ଶ୍ରମିକ ଆନ୍ଦୋଳନ ଓ ଗଣ ଆନ୍ଦୋଳନରେ ସେ ନିରବଚ୍ଛିନ୍ନ ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରି ଯାଇଛନ୍ତି। ୧୯୮୪ ମସିହାରେ ରାଉରକେଲା କନ୍‌ଷ୍ଟ୍ରକସନ୍ କଲୋନିର ମଦ ବିରୋଧୀ ଆନ୍ଦୋଳନକୁ ସେ ନେତୃତ୍ୱ ଦେଇଥିଲେ। ରାଉରକେଲା ଇସ୍ପାତ କାରଖାନା ନିର୍ମାଣ ହେବା ଯୋଗୁ ବିସ୍ଥାପିତ ଆଦିବାସୀ ଜନସାଧାରଣଙ୍କ ଆନ୍ଦୋଳନରେ ମଧ୍ୟ ସେ ନେତୃତ୍ୱକାରୀ ଭୂମିକା ପାଳନ କରିଥିଲେ।

ଗରିବ ଜନସାଧାରଣଙ୍କ ପ୍ରତି ତାଙ୍କର ଦରଦୀ ମନ, ପାର୍ଟିର କର୍ମୀମାନଙ୍କ ପ୍ରତି ତାଙ୍କର ସ୍ନେହ ଓ ଭଲପାଇବା ସମସ୍ତଙ୍କୁ ବିଶେଷଭାବେ ଅନୁପ୍ରାଣିତ କରୁଥିଲା। ନିଜର ଭଉଣୀ, ଭାଇ ଓ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ମହାନ୍ ବିପ୍ଳବୀ ଆଦର୍ଶ ଦ୍ୱାରା ଅନୁପ୍ରାଣିତ କରିବା ପାଇଁ ସେ ସଂଗ୍ରାମ କରିଯାଇଛନ୍ତି। ବିପ୍ଳବୀ ଆଦର୍ଶର ଚର୍ଚ୍ଚା କ୍ଷେତ୍ରରେ ତାଙ୍କର ଗଭୀର ଅନୁରାଗ ଥିଲା। ବିଭିନ୍ନ ସାମାଜିକ ସାଂସ୍କୃତିକ ଆନ୍ଦୋଳନ ସହିତ ମଧ୍ୟ ସେ ଜଡିତ ଥିଲେ। ତାଙ୍କର ଅମାୟିକ ବ୍ୟବହାର ଦଳମତ ନିର୍ବିଶେଷରେ ସମସ୍ତଙ୍କୁ ପ୍ରଭାବିତ କରୁଥିଲା। ମିଳିତ ଶ୍ରମିକ ଆନ୍ଦୋଳନ ଓ ଗଣ ଆନ୍ଦୋଳନ ଗଢି ତୋଳିବା କ୍ଷେତ୍ରରେ ସେ ଏକନିଷ୍ଠଭାବେ ପ୍ରଚେଷ୍ଟା କରିଯାଇଛନ୍ତି। ଶାରୀରିକ ଅସୁସ୍ଥତା ଓ ଜୀବନ ସଂଗ୍ରାମର ବହୁ ଘାତ-ପ୍ରତିଘାତର ମୁକାବିଲା କରି ଜୀବନର ଅନ୍ତିମ ସମୟ ପର୍ଯ୍ୟନ୍ତ କମ୍ରେଡ୍ ଶିବଦାସ ଘୋଷଙ୍କ ବିପ୍ଳବୀ ଚିନ୍ତା ଓ ଶିକ୍ଷାର ଭିତ୍ତିରେ କମ୍ରେଡ୍ ସତ୍ୟପ୍ରିୟ ମହାନ୍ତି ଅବିଚଳିତ ଭାବରେ ସଂଗ୍ରାମ କରିଯାଇଛନ୍ତି।

ବ୍ୟକ୍ତିଗତ ଜୀବନର ବିଭିନ୍ନ ସମସ୍ୟା ଅତିକ୍ରମ କରି ବିପ୍ଳବୀ ସଂଗ୍ରାମକୁ ପରିଚାଳିତ କରିବା ପାଇଁ ସେ ପାର୍ଟି ନେତୃତ୍ୱ ସହିତ ଖୋଲା ମନରେ ପରାମର୍ଶ କରୁଥିଲେ। ପାର୍ଟିର ଯେକୌଣସି ଗୁରୁତର ସମସ୍ୟା ମୁକାବିଲା କରିବାରେ ସେ ସଦାସର୍ବଦା ବଳିଷ୍ଠ ଓ ନିର୍ଭିକଭାବରେ ଠିଆ ହୋଇଛନ୍ତି। ତାଙ୍କ ଠାରୁ ବୟସରେ କନିଷ୍ଠ କମ୍ରେଡ୍‌ମାନଙ୍କ ନେତୃତ୍ୱରେ କାମ କରିବାକୁ ସେ ଖୁସୀ ମନରେ ଗ୍ରହଣ କରୁଥିଲେ, ଯାହା ଦଳର ସମସ୍ତ ନେତା ଓ କର୍ମୀମାନଙ୍କ ପାଇଁ ଏକ ଅତ୍ୟନ୍ତ ମୂଲ୍ୟବାନ ଶିକ୍ଷଣୀୟ ବିଷୟ। କୌଣସି ଆନ୍ଦୋଳନ ବା ଗୁରୁତ୍ୱପୂର୍ଣ୍ଣ ବିଷୟରେ ତାଙ୍କର ନେତୃତ୍ୱକାରୀ ଭୂମିକା ଥିଲେ ବି ତାର ବିଜୟର ଶ୍ରେୟ ସେ କେବେ ବି ବ୍ୟକ୍ତିଗତଭାବେ ନିଜେ ନେଉ ନଥିଲେ, ବରଂ ସେ କ୍ଷେତ୍ରରେ ଅନ୍ୟମାନଙ୍କ ଭୂମିକାକୁ ପ୍ରାଥମିକତା ଦେଉଥିଲେ। ସଂଗଠନର ଅନେକ ଗୁରୁତପୂର୍ଣ୍ଣ ଦାୟିତ୍ୱ ନିଷ୍ଠାର ସହିତ ପାଳନ କଲେବି ସର୍ବକ୍ଷଣ କର୍ମୀ ହିସାବରେ ଆହୁରି ଅଧିକ ଦାୟିତ୍ୱ ନନେଇ ପାରିବା ଯୋଗୁ ସେ ଅନେକ ସମୟରେ ନେତୃତ୍ୱ ପାଖରେ ଦୁଃଖ ଓ ଅନୁଶୋଚନା ପ୍ରକାଶ କରୁଥିଲେ। କମ୍ରେଡ୍ ସତ୍ୟପ୍ରିୟ ମହାନ୍ତିଙ୍କର ଦୀର୍ଘ ପ୍ରାୟ ୬ ଦଶନ୍ଧି ନିରବଚ୍ଛିନ୍ନ ଓ ନିଷ୍ପାପର ବିପ୍ଳବୀ ସଂଗ୍ରାମକୁ ସ୍ମରଣ କରି ତାଙ୍କ ସ୍ମୃତି ପ୍ରତି ଆମେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ।

**କମ୍ରେଡ୍ ସତ୍ୟପ୍ରିୟ ମହାନ୍ତି ଲାଲ୍ ସଲାମ୍**

# ବିଶିଷ୍ଟ ଜନଦରଦୀ ଶ୍ରମିକ ଓ ଜନନେତା ସତ୍ୟପ୍ରିୟ ମହାନ୍ତିଙ୍କୁ ଅଶ୍ରୁଳ ବିଦାୟ

ଗତ ଏପ୍ରିଲ ୧୮ ତାରିଖରେ କମ୍ରେଡ୍ ସତ୍ୟପ୍ରିୟ ମହାନ୍ତିଙ୍କର ଅତ୍ୟନ୍ତ ଅପ୍ରତ୍ୟାଶିତ ଓ ବେଦନାଦାୟକ ମୃତ୍ୟୁ ଘଟିଛି। ତାଙ୍କର ଏହି ଆକସ୍ମିକ ବିୟୋଗରେ ମର୍ମାହତ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଏବଂ ଶ୍ରମିକ ସଂଗଠନ ଏଆଇୟୁଟିୟୁସିର ଶତାଧିକ କର୍ମୀ ସମର୍ଥକ ଦରଦୀ, ଶୁଭେଚ୍ଛୁ ଓ ବିଭିନ୍ନ ସାମାଜିକ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ,ବିଭିନ୍ନ ଟ୍ରେଡ ୟୁନିୟନ ଓ ରାଜନୈତିକ ଦଳର ନେତୃବୃନ୍ଦ , ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କ ପ୍ରତିନିଧି ବୃନ୍ଦ ଦଳୀୟ କାର୍ଯ୍ୟାଳୟ- ରାଉଲକେଲା ଡେଲି ମାର୍କେଟ ସ୍ଥିତ 'ୱାର୍କର୍ସ ଆଣ୍ଡ ପିଜାଣ୍ଟସ ହାଉସ'ଠାରେ ସମବେତ ହେଇ ପ୍ରୟାତ ନେତା ସତ୍ୟପ୍ରିୟ ମହାନ୍ତିଙ୍କୁ ଅଶ୍ରୁଳ ଶେଷ ବିଦାୟ ଜଣାଇ ଥିଲେ। ଏହି ଉଦ୍ଦେଶ୍ୟରେ ଆୟୋଜିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଓଡିଶା ରାଜ୍ୟ କମିଟି ସଂପାଦକ ତଥା ଏଆଇୟୁଟିୟୁସିର ସର୍ବଭାରତୀୟ ସାଧାରଣ ସଂପାଦକ କମ୍ରେଡ୍ ଶଙ୍କର ଦାଶଗୁପ୍ତ, ଏସ୍‌ୟୁସିଆଇ(ସି) ଓଡିଶା ରାଜ୍ୟ ସଂପାଦକ ମଣ୍ଡଳୀର ବରିଷ୍ଠ ସଦସ୍ୟ କମ୍ରେଡ ବିଷ୍ଣୁ ଦାସ, ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର ସର୍ବଭାରତୀୟ ସାଧାରଣ ସଂପାଦିକା କମ୍ରେଡ ଛବି ମହାନ୍ତି, ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ସୁନ୍ଦରଗଡ ଜିଲ୍ଲା ସଂପାଦକ ଅଜିତ ନାୟକ, ବରିଷ୍ଠ ସଦସ୍ୟ ଶ୍ରୀନିବାସ ସେଠୀ, ବିଷ୍ଣୁ ପଣ୍ଡା ପ୍ରମୁଖ ସତ୍ୟପ୍ରିୟ ମହାନ୍ତିଙ୍କ ମର ଶରୀରରେ ମାଲ୍ୟାର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଉଲକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କ ତରଫରୁ ଏସ.କେ ସେନାପତି ଓ ମନୋଜ ପ୍ରଧାନ ମାଲ୍ୟାର୍ପଣ କରିଥିଲା ବେଳେ ସିପିଆଇ ସୁନ୍ଦରଗଡ ଜିଲ୍ଲା ସଂପାଦକ ପ୍ରଦୋଷ ମହାନ୍ତି, ସିପିଆଇ(ଏମ)ନେତା ଶ୍ରୀମନ୍ତ ବେହେରା, ରାଜକିଶୋର ପ୍ରଧାନ,ରାଉରକେଲା ମଜଦୁର ସଭା ତରଫରୁ ସଭାପତି ଶଶଧର ନାୟକ, ଉପସଭାପତି କଳାକାର ସାହୁ, ପ୍ରମୋଦ କୁମାର ଦାସ, ରାଉରକେଲା ଶ୍ରମିକ ସଂଘ ତରଫରୁ ଉପ ସଭାପତି ନିହାର ଦାସ, ସିଆଇଟିୟୁ ତରଫରୁ ଜିଲ୍ଲା ସଂପାଦକ ବିମାନ ମାଇତି, ଷ୍ଟିଲ ଏମ୍ପ୍ଲୋଇଜ ଟ୍ରେଡ ୟୁନିୟନ ତରଫରୁ ସାଧାରଣ ସଂପାଦକ ବସନ୍ତ ନାୟକ, ଏଆଇଟିୟୁସି ତରଫରୁ ସାଧାରଣ ସଂପାଦକ ରମେଶ ସେଠୀ, ରାଉଲକେଲା ବାର ଆସୋସିଏସନ ତରଫରୁ ସଭାପତି ସଦାନନ୍ଦ ସାହୁ ରାଜ୍ୟ କୃଷକ ସଭାର ସୁରେନ୍ଦ୍ର ଦାସ ମାଲ୍ୟାର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ, ସମାଜସେବୀ ଗଗନ ଧଳ, ବୀରେନ୍ ସେନାପତି, ଶ୍ରଦ୍ଧା ଷଡଙ୍ଗୀ, ଗିରିଶ ମହାପାତ୍ର, ବସନ୍ତ ପାତ୍ର, ଶୁଭ୍ରାଂଶୁ ମିଶ୍ର, କାଳନ୍ଦୀ ବଡ଼ଜେନା, ଦେବାନନ୍ଦ ଶ୍ରୀଚନ୍ଦନ, ପ୍ରମୋଦ ଶର୍ମା, ରିଙ୍କୁ ସାମଲ,




ଦିଲୀପ କୁଆଁର, ମାନବେନ୍ଦ୍ର ରାୟ, ପ୍ରଶାନ୍ତ ବାନାର୍ଜୀ, ଗୁରୁମିତ ସିଂ, ସୁଷମା ସାହୁ, ବବିତା ମହାପାତ୍ର,ଲକ୍ଷ୍ମୀ ସୁନା, କାଶୀନାଥ ପରିଡା, ରବିନ୍ଦ୍ର ବେହେରା, ବୀରେନ୍ ନାଏକ, ବିଜୟ ସାହୁ, ହିମାଂଶୁ ସ୍ୱାଇଁ, ଧୋବେଇ ବେହେରା, ଦିବାକର ପାଣିଗ୍ରାହୀ, ଗଣେଶ ବେହେରା, ମହିଳା ସାଂସ୍କୃତିକ ସଂଗଠନର ଜିଲ୍ଲା ସଭାପତି ଲିଓନି ତୀର୍କୀ, ବିଦ୍ୟୁତ ମହନ୍ତ, ଗୀତାଞ୍ଜଳି ମହାନ୍ତି, ଲିଲି ମହାନ୍ତି, ଏଆଇଡିୱାଇଓ ତରଫରୁ ଶେଖ ଇସଲାମ, ଜଷ୍ଟିନ ଲୁଗୁନ, ସୁବାସ ଦଣ୍ଡପାଟ, ହିମାଂଶୁ ସ୍ୱାଇଁ, ଗୁରୁମୋହନ ସିଂହ, ଆଲୋକ ବେହେରା, ଏଆଇଡିଏସଓ ପକ୍ଷରୁ ସଂଗ୍ରାମ ପରିଡ଼ା, ତପନ ନାୟକ, ରାଉରକେଲା ଇଂଜିନିୟରିଂ ୱର୍କର୍ସ ୟୁନିଅନ୍ ତରଫରୁ ପ୍ରଭାତ ମହାପାତ୍ର, ଏଆଇକେକେଏମ୍‌ଏସ୍ ତରଫରୁ କିନୁ ଲୋହାର, ଶିକ୍ଷକ ସଂଗଠନ ତରଫରୁ ବକେଶ୍ୱର ମହାନ୍ତଙ୍କ ସମେତ ଦଳର ବହୁ କର୍ମୀ ତଥା ସତ୍ୟପ୍ରିୟ ମହାନ୍ତିଙ୍କୁ ଭଲ ପାଉଥିବା ବ୍ୟକ୍ତି ମାନେ ମାଲ୍ୟାର୍ପଣ କରିଥିଲେ। ଶେଷରେ ଏ ଯୁଗର ବିଶିଷ୍ଟ ମାର୍କ୍ସବାଦୀ ଦାର୍ଶନିକ କମ୍ରେଡ ଶିବଦାସ ଘୋଷଙ୍କ ଉପରେ ରଚିତ ସଂଗୀତ ଏବଂ ଆନ୍ତର୍ଜାତିକ ସଙ୍ଗୀତ ପରିବେଷଣ ପରେ କମ୍ରେଡ୍ ସତ୍ୟପ୍ରିୟ ମହାନ୍ତିଙ୍କ ଶେଷଯାତ୍ରା ଆରମ୍ଭ ହୋଇଥିଲା।

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das